
ବର୍ଷ-୨୬, ସଂଖ୍ୟା-୧୯୭
ଭୁବନେଶ୍ୱର
୨୩, ଜୁଲାଇ ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 197
Bhubaneswar
23 July, 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଚର୍ଚ୍ଚାରେ ସାହିବା ବାଲୀ

# ବିତର୍କ ପାଇଁ ସରକାର ରାଜି, ଇସ୍ତଫା ଦାବିରେ ଅଟଳ ବିରୋଧୀ

ନୂଆଦିଲ୍ଲୀ, ୨୨।୭(ମହାଭାରତ): ନିଟ ପ୍ରଶ୍ନପତ୍ର ଲିକ୍ ଘଟଣାରେ ବିରୋଧୀଙ୍କ ହାଲାବୋଲ ସରକାରଙ୍କ ନିଦ ହଜାଇ ଦେଇଛି। କକ୍ରୋଚ ଜନତା ପାର୍ଟି ବା ସିଜେପିର ଆନ୍‌ଦୋଳନ ସାଙ୍ଗକୁ ବିରୋଧୀଙ୍କ ଜିଦ ସରକାରଙ୍କୁ ଅଡୁଆରେ ପକାଇଛି। ପୂରା ଦେଶରେ ଏହି ପ୍ରସଙ୍ଗ ଆଲୋଡନ ସୃଷ୍ଟି କରିଥିବାରୁ ଆଜି ବଡ ଘୋଷଣା କରିଛନ୍ତି ସରକାର।

ନିଟ ପ୍ରଶ୍ନପତ୍ର ପ୍ରସଙ୍ଗକୁ ନେଇ ସଂସଦରେ ସବୁ ପ୍ରକାରର ବିତର୍କ ପାଇଁ ସରକାର ପ୍ରସ୍ତୁତ ଥିବା ଆଜି ଲୋକସଭାରେ କହିଛନ୍ତି। ତେବେ ବିରୋଧୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଜିଦରେ ଅଟଳ ରହିଛନ୍ତି।

ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦେବା ଯାଏ ସଂସଦରେ କୌଣସି ପ୍ରକାରର ଆଲୋଚନା ହୋଇ ପାରିବ ନାହିଁ ବୋଲି ବିରୋଧୀ ଆଜି ସ୍ପଷ୍ଟ କରିଛନ୍ତି। ପ୍ରଥମେ ଧର୍ମେନ୍ଦ୍ର ଇସ୍ତଫା ଦେବେ ଓ ତା'ପରେ ନିଟ ପ୍ରଶ୍ନପତ୍ର ଲିକ ପ୍ରସଙ୍ଗରେ ଗୃହରେ ଆଲୋଚନା ହେବ ବୋଲି ଆଜି କଂଗ୍ରେସ କହିଛି। ଏଥିପାଇଁ ସରକାରଙ୍କ ଆଲୋଚନା ପ୍ରସ୍ତାବ ସତ୍ତ୍ୱେ ଉଭୟ ରାଜ୍ୟସଭା ଓ ଲୋକସଭା ସ୍ୱାଭାବିକ ହୋଇପାରିନାହିଁ।

ଆଜି ଲୋକସଭାରେ ବିରୋଧୀ ସାଂସଦମାନଙ୍କ ନାରାବାଜୀ ଓ ପ୍ରତିବାଦ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ "ନିଟ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ସରକାର ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ। ଛାତ୍ରଛାତ୍ରୀମାନେ ଆମର ସର୍ବୋଚ୍ଚ ପ୍ରାଥମିକତା। ନିଟ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଗୃହରେ ବିସ୍ତୃତ ଆଲୋଚନା ହେଉ ବୋଲି ଆମେ ଚାହୁଁଛୁ। ଆମେ ଆରମ୍ଭରୁ ହିଁ ଆଲୋଚନା ପାଇଁ ପ୍ରସ୍ତୁତ ଥିବା କହିଛୁ।"

ତେବେ ବିରୋଧୀ ଦଳଗୁଡ଼ିକ



ଆଜି ଲୋକସଭାରେ ସିଜେପି ସମର୍ଥକଙ୍କ ଉପରେ ପୁଲିସର ଭୟଙ୍କର କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ଉଠାଇଥିଲେ। ସେମାନେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଗୃହରେ ଦାବି କରିଛନ୍ତି।

ଆଜି ଲୋକସଭାରେ ବିରୋଧୀଙ୍କ ନେତୃତ୍ୱ ନେଉଥିବା ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାରେ ହୋଇଥିବା ଧାରଣା କଥା ଉଠାଇଥିଲେ।

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ସଂସଦରେ କୌଣସି ବିବୃତି ରଖୁ ନଥିବାରୁ ସେମାନଙ୍କୁ ମଙ୍ଗଳବାର ତାଙ୍କ ବାସଭବନ ବାହାରେ ଧାରଣା ଦେବାକୁ ବାଧ କରିଥିଲା। ଅଖିଳେଶ ପ୍ରଶ୍ନ କରିଛନ୍ତି ଯେ "ପ୍ରଧାନମନ୍ତ୍ରୀ ସଂସଦ ବାହାରେ ଯୁବପିଢ଼ିଙ୍କ ପ୍ରସଙ୍ଗରେ ଅନେକ କିଛି କହୁଛନ୍ତି। କିନ୍ତୁ ସେ ଗୃହରେ ବିବୃତି କାହିଁକି ଦେଇପାରିବେ ନାହିଁ ସରକାରଙ୍କ ନିର୍ଦ୍ଦେଶରେ ରାଜଧାନୀର ରାଜରାସ୍ତାରେ ଛାତ୍ରଛାତ୍ରୀମାନଙ୍କୁ ପୁଲିସ ନିର୍ମମ ଭାବେ ମାଡ଼ ମାରିଛି। ଏହାର ଜବାବ ସରକାରଙ୍କୁ ଦେବାକୁ ପଡ଼ିବ।"

ସେହିପରି ସରକାର ଆଲୋଚନା ପାଇଁ ରାଜି ହୋଇଥିଲେ ହେଁ ବିରୋଧୀ କଂଗ୍ରେସ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଅଟଳ ରହିଛି। କଂଗ୍ରେସ ସାଂସଦ ପବନ ଖେଡା କହିଛନ୍ତି, "ପ୍ରଥମେ ଦାୟିତ୍ୱ ନିର୍ଦ୍ଧାରଣ ହେଉ, ତା'ପରେ ଆଲୋଚନା ହୋଇପାରିବ। ପ୍ରଥମେ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦିଅନ୍ତୁ।" ସରକାରଙ୍କ ଆଲୋଚନା ପ୍ରସ୍ତାବ ପରେ ଲୋକସଭା ବାଚସ୍ପତି ଓମ ବିର୍ଲା ବିରୋଧୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ସେ କହିଥିଲେ ଯେ ଶାସକ ଦଳ ଓ ବିରୋଧୀ ଦଳ ଆଲୋଚନା ଚାହୁଁଛନ୍ତି। ଏବେ ଆଲୋଚନା ନିୟମ ଅନୁସାରେ ହେବ। କିନ୍ତୁ ବିରୋଧୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବିରୁ ପଛକୁ ନ ହଟିବାରୁ ଶେଷରେ ଗୃହକୁ ମୁଲତବୀ କରାଯାଇଛି।

ସଂସଦ ବାହାରେ ରିଜିଜୁ ଆଲୋଚନାରେ ବିଳମ୍ବ ପାଇଁ ବିରୋଧୀଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି, "ଆମେ ସ୍ପଷ୍ଟ କରିଦେଇଛୁ ଯେ ଆମେ ତୁରନ୍ତ ଆଲୋଚନା ପାଇଁ ପ୍ରସ୍ତୁତ। ବିରୋଧୀ ଦଳ ହିଁ ଏହାକୁ ବିଳମ୍ବ କରୁଛନ୍ତି। ୩ ଦିନ ହେଲା ଆମେ ଆଲୋଚନା ପାଇଁ ରାଜି ଥିବା କହି ଚାଲିଛୁ।

ଅଧିବେଶନର ପ୍ରଥମ ଦିନରୁ ହିଁ ସରକାର ଏନେଇ ସ୍ପଷ୍ଟ କରି ସାରିଛନ୍ତି। ଯେଉଁ ବିଧି ବ୍ୟବସ୍ଥାରେ ଆଲୋଚନା ହେବା କଥା ତାହା ସ୍ଥିର ହେବା ଦରକାର। ମାତ୍ର ଏହାକୁ ନେଇ ରାସ୍ତାକୁ ଓହ୍ଲାଇବା ଆଦୌ ଠିକ୍ ନୁହେଁ। ବିରୋଧୀ ବାଚସ୍ପତିଙ୍କ ସହ ବସି ଆଲୋଚନା ସମ୍ପର୍କରେ ନିୟମ ସ୍ଥିର କରିବା ଉଚିତ'

## ବ୍ରହ୍ମପୁରରେ କରୋନା ସଂକ୍ରମିତ, ଏମକେସିଜିରେ ଚିକିତ୍ସା

ବ୍ରହ୍ମପୁର, ୨୨।୦୭(ମହାଭାରତ): ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ପରେ ଓଡ଼ିଶାରେ ପଶିଲା କରୋନା । ବ୍ରହ୍ମପୁରରେ ଜଣେ କୋଭିଡ୍ ପଜିଟିଭି ଚିହ୍ନଟ ହୋଇଛନ୍ତି । ବ୍ରହ୍ମପୁର ବଡ଼ ମେଡିକାଲରେ ସେ ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ସଂକ୍ରମିତ ଜଣକ ମହିଳା । କରୋନା ସଂକ୍ରମିତ ଚିହ୍ନଟକୁ ନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ଏମକେସିଜି ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡାକ୍ତର ସୁଦୀପା ଦାସ । ଅନ୍ୟପଟେ ବ୍ରହ୍ମପୁର ବଡ଼ ମେଡିକାଲରେ ଜଣେ କରୋନା ରୋଗୀ ଚିହ୍ନଟ ହୋଇଥିବା ସ୍ୱୀକାର କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରଫେସର ଡାକ୍ତର ସନ୍ତୋଷ ମିଶ୍ର । ରୋଗୀ ଜଣଙ୍କୁ ବଡ଼ ମେଡିକାଲରେ ଆଇସୋଲସନରେ ରଖାଯାଇ ଚିକିତ୍ସା କରାଯାଉଛି । ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି । କୌଣସି ଭୟଭୀତ ହେବାର ଆବଶ୍ୟକ ନାହିଁ ବୋଲି କହିଛନ୍ତି ସୁପରିଟେଣ୍ଡେଣ୍ଟ । ଆନ୍ଧ୍ରପ୍ରଦେଶ ପରେ ଏବେରାଜ୍ୟରେ କରୋନା ଆତଙ୍କ ଦେଖିବାକୁ ମିଳିଛି। ୬ ବର୍ଷ ପରେ ପୁଣି କୋଭିଡ୍ ଫେରିଛି। ଗତ ୧୧ ତାରିଖରେ ଆନ୍ଧ୍ରପ୍ରଦେଶରେ କଡପା ଜିଲ୍ଲାରେ କୋଭିଡ୍‌ରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ଆହୁରି ୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। କୋଭିଡ୍-୧୯ ଗାଇଡ୍‌ଲାଇନ୍ ଅନୁସାରେ ପଜିଟିଭ୍‌ଙ୍କ ଚିକିତ୍ସା ଚାଲିଛିୟ। ଆନ୍ଧ୍ରପ୍ରଦେଶରେ କୋଭିଡ୍ ଜୀବନ ନେବା ପରେ ପଡଶୀ ଓଡିଶାର ସୀମାନ୍ତ ଜିଲ୍ଲା ଗଞ୍ଜାମରେ ଏବେ ଆତଙ୍କ ବାତାବରଣ ଦେଖିବାକୁ ମିଳିଥିଲା । ଆନ୍ଧ୍ରରୁ ଗଞ୍ଜାମକୁ ସଂକ୍ରମଣ ଆଶଙ୍କା ସୃଷ୍ଟି ହୋଇଥିଲା । ସତକୁ ସତ ଏବେ ଖବର ଆସୁଛି କି ଗଞ୍ଜାମରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ପ୍ୟାଟ୍ରୋଲିଂ ବେଳେ ଆତଙ୍କବାଦୀ ହମଲା

କାଶ୍ମୀର୨୨।୦୭(ମହାଭାରତ): କିଛି ଦିନର ବ୍ୟବଧାନ ପରେ ଜମ୍ମୁ-କଶ୍ମୀରରେ ହୋଇଛି ଆତଙ୍କବାଦୀ ହମଲା। ଆଜି ମଧ୍ୟାହ୍ନରେ ଅନନ୍ତନାଗରେ ପ୍ୟାଟ୍ରୋଲିଂ ଡ୍ୟୁଟିରେ ଥିବା ଜଣେ କନଷ୍ଟେବଲଙ୍କୁ ଅତି ନିକଟରୁ ଗୁଳି ଚଳାଇଛନ୍ତି ଆତଙ୍କବାଦୀ।ଏଥିଯୋଗୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସହିଦ କନଷ୍ଟେବଲ ଜଣଙ୍କ ହେଲେ ୩୫ ବର୍ଷୀୟ ଆଶିକ ହୁସେନ କ୍ୟୁରେଶୀ। ସେ ଇଣ୍ଡିଆନ ରିଜର୍ଭ(ଆଇଆର)ର ତୃତୀୟ ବାଟାଲିୟନରେ କାର୍ଯ୍ୟ କରୁଥିଲେ ଓ ତାଙ୍କ ଘର ବଡଗାମ ଜିଲ୍ଲାରେ। ସେନାର ସୂଚନା ଅନୁସାରେ, ପୂରା ଘଟଣା ଅନନ୍ତନାଗର ଲାଲ ଚୌକ ଠାରେ ଘଟିଛି। କନଷ୍ଟେବଲ ଜଣଙ୍କ ପ୍ୟାଟ୍ରୋଲିଂ ଡ୍ୟୁଟି କରୁଥିଲେ। ଏହିସମୟରେ ବାଇକ ଧରିଜଣେ ଆତଙ୍କବାଦୀ ସେଠାରେ ପହଞ୍ଚିଥିଲା ଓ ଅତି ନିକଟରୁ ତାଙ୍କ ଉପରେ ଗୁଳି ଚଳାଇଥିଲା।



ବାହୁଡ଼ା ଯାତ୍ରା ପ୍ରସ୍ତୁତି : ତିନି ରଥର ହେଲା ଦକ୍ଷିଣମୋଡ଼।

## ବାହୁଡ଼ା ଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୦୭ (ମହାଭାରତ):ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ସୁରୁଖୁରୁରେ ସଂପନ୍ନ କରିବାକୁ ସମସ୍ତେ ଯତ୍ନବାନ ରୁହ। ଭିଡ ପରିଚାଳନା, ଠିକ ସମୟରେ ସୂଚନା ପ୍ରଦାନ ସହ ଆଇନ ଶୃଙ୍ଖଳା ଓ ସୁରକ୍ଷାରେ କୌଣସି ପ୍ରକାର ସାଲିସ କରନି। ବାହୁଡା ଯାତ୍ରା ପ୍ରସ୍ତୁତି ସମୀକ୍ଷାରେ ଅଧିକାରୀମାନଙ୍କୁ ଏମିତି ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ। ଶ୍ରଦ୍ଧାଳୁମାନେ ପ୍ରଶାସନ ଓ ପୋଲିସର ମାର୍ଗଦର୍ଶିକା ପାଳନ କରିବାକୁ ସେ ନିବେଦନ ମଧ୍ୟ କରିଛନ୍ତି।

ଲୋକସେବା ଭବନରେ ଆସନ୍ତା ୨୪ ତାରିଖରେ ହେବାକୁ ମହାପ୍ରଭୁଙ୍କ ବାହୁଡା ଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ। ବୈଠକରେ ହୋଇଥିବା ଆଲୋଚନାରୁ ଜଣା ଯାଇଛି ଯେ, ରଥଯାତ୍ରା ଠାରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପ୍ରାୟତଃ ଠିକ୍ ଭାବରେ ପରିଚାଳିତ ହୋଇଛି। ଲଗାଣ ବର୍ଷା, ପ୍ରତିକୂଳ ପାଗ, ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଅଧିକାରୀ ଓ କର୍ମଚାରୀ ତଥା ଭକ୍ତମାନଙ୍କ ସେବା ଓ ସମର୍ପଣ କୌଣସି ମାତ୍ରାରେ ପ୍ରଭାବିତ ହୋଇନାହିଁ। ସେବାୟତମାନଙ୍କ ନିଷ୍ଠା ଓ ସମର୍ପଣ ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମହାପ୍ରଭୁଙ୍କ ସେବାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଟିମ୍ ସ୍ପିରିଟ ନେଇ କାମ କରୁଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

ପୁରୀ ସହରରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସଜାଗ ରହି ସମସ୍ତ ବ୍ୟବସ୍ଥାର ନିୟମିତ ପରିଚାଳନା ଓ ତଦାରଖ କରୁଛନ୍ତି। ପହଣ୍ଡି, ରଥଟଣା, ଦକ୍ଷିଣି ମୋଡ, ଆଡପ ମଣ୍ଡପ ଦର୍ଶନ, ପ୍ରତ୍ୟେକ ସମୟରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିୟମିତ ତଦାରଖ କରୁଛନ୍ତି। ବୈଠକରେ ଭିଡ ପରିଚାଳନା ଓ ନିରନ୍ତର ସୂଚନା ପ୍ରଦାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଭିଡରେ ଜନଗହଳିକୁ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଉଙ୍ଗଠ ରୁ ମିଳୁଥିବା ସୂଚନାକୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ବ୍ୟବସ୍ଥା ଜରିଆରେ ସମସ୍ୟା ଥିବା ସ୍ଥାନକୁ ତୁରନ୍ତ ପ୍ରଦାନ କରାଗଲେ, ସମସ୍ୟାର ସମାଧାନ ହୋଇପାରିବ। ଆଗକୁ ବାହୁଡା ଯାତ୍ରା ସହିତ ମହାପ୍ରଭୁଙ୍କ ସୁନାବେଶ ଓ ନିଳାଦ୍ରୀବିଜେ ଅନୁଷ୍ଠିତ ହେବ। ତେଣୁ, ସମସ୍ତ ନୀତିକାନ୍ତି ଯେପରି ସୁଚାରୁ ରୂପେ ପାଳିତ ହେବ ସେଥିପ୍ରତି ଧ୍ୟାନ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ରଥଯାତ୍ରାରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ, ଦୁଇଜଣ ଶ୍ରଦ୍ଧାଳୁଙ୍କ ଜୀବନହାନି ଯୋଗୁ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତ ଶ୍ରଦ୍ଧାଳୁଙ୍କ ପରିବାରବର୍ଗଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ଅଗ୍ନିଶମ ପୋଲିସ ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡଙ୍ଗୀ, ପୋଲିସ ମଡର୍ଣ୍ଣାଇଜେସନ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ପୋଲିସ ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଗୃହ ମନ୍ତ୍ରଣାଳୟରୁ ବଡ଼ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୨।୦୭(ମହାଭାରତ): ଭାରତୀୟ ସେନାରେ ୪ ବର୍ଷ ସେବା ପୂରଣ କରିଥିବା ଅଗ୍ନିବୀରମାନଙ୍କୁ ଗୃହ ମନ୍ତ୍ରଣାଳୟ ବଡ଼ ଆଶ୍ୱସ୍ତି । ମଙ୍ଗଳବାର ସଂସଦରେ ଏକ ପ୍ରଶ୍ନର ଉତ୍ତରରେ, ଗୃହ ମନ୍ତ୍ରଣାଳୟ ଘୋଷଣା କରିଛି ଯେ ଅବସରପ୍ରାପ୍ତ ଅଗ୍ନିବୀରମାନେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଏବଂ ଆସାମ ରାଇଫଲ୍ସରେ କନଷ୍ଟେବଲ ଏବଂ ରାଇଫଲମ୍ୟାନ ପଦବୀ ପାଇଁ ନିଯୁକ୍ତିରେ ୫୦% ସଂରକ୍ଷଣ ପାଇବେ। ମନ୍ତ୍ରଣାଳୟ ଲିଖିତ ଜବାବରେ କହିଛି, ଫୋର୍ସରେ ସାମିଲ ହୋଇଥିବା ଅଗ୍ନିବୀରଙ୍କ ଭର୍ତ୍ତି ପକ୍ରିୟା ଅନୁସାରେ, ଲିଖିତ ପରୀକ୍ଷା, ଫିଜିକାଲ ଷ୍ଟାଣ୍ଡାର୍ଡ ଟେଷ୍ଟି ପିଏସ୍ଟି) ଓ ଫିଜିକାଲ ଏଫିସିଏନନ୍ସି ଟେଷ୍ଟ(ପିଇଟି)ରୁ ଛାଡ ଦିଆଯିବ।ପୂର୍ବତନ ଅଗ୍ନିବୀରଙ୍କ ପାଇଁ ତିଆରି କରାଯାଇଛି ଅଲଗା କାଟାଗୋରୀସଂସଦରେ ଏକ ପ୍ରଶ୍ନର ଉତ୍ତର ଦେଇ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ସରକାର CAPF ଏବଂ ଆସାମ ରାଇଫଲ୍ସରେ କନଷ୍ଟେବଲ (ଜେନେରାଲ ଡ୍ୟୁଟି) ଏବଂ ରାଇଫଲମ୍ୟାନ ପଦବୀରେ ନିଯୁକ୍ତି ପାଇଁ 'ପୂର୍ବ ଅଗ୍ନିବୀର' ଙ୍କର ଏକ ପୃଥକ କାଟାଗୋରୀ ସୃଷ୍ଟି କରିଛନ୍ତି। ଏହି ପଦବୀରେ ୫୦% ଖାଲି ପଦବୀ ପୂର୍ବତନ ଅଗ୍ନିବୀରଙ୍କ ପାଇଁ ସଂରକ୍ଷିତ ରହିବ। ସେମାନେ ୩ ବର୍ଷ ବୟସ ଛାଡ଼ ମଧ୍ୟ ପାଇବେ। ସେଭଳି ଅଗ୍ନିବୀରଙ୍କ ପ୍ରଥମ ବ୍ୟାଚର ପ୍ରାର୍ଥୀମାନେ ନିର୍ଦ୍ଧାରିତ ସୀମାଠାରୁ ଅଧିକ ବୟସ ଛାଡ଼ ପାଇଁ ଯୋଗ୍ୟ ହେବେ।

## କମିଶନ ଫାଇଲ ହଜିବା ଘଟଣାରେ ପାଣ୍ଡିଆନଙ୍କୁ ନୋଟିସ୍

ଭୁବନେଶ୍ୱର, ୨୨।୦୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଡ ଆକ୍ସନ। ପ୍ରଥମଥର ପାଇଁ ବିଜେଡି ସର୍ବେସର୍ବା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କୁ ନୋଟିସ୍ ଜାରି କରି ହାଜର ପାଇଁ ନିର୍ଦ୍ଦେଶ ଦେଇଛି କମିଶନରେଟ ପୁଲିସ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ଫାଇଲ ଗାଏବ ହେବା ଘଟଣାରେ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି । ପୂର୍ବରୁ ବିଜେଡି ସରକାରର ପ୍ରଭାବଶାଳୀ ଅଫିସର ତଥା ପୂର୍ବତନ ଓଏସଡି ମନୋଜ କୁମାର ମିଶ୍ର ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ତତକାଳୀନ ପ୍ରମୁଖ ସଚିବ ରାଜେଶ କୁମାର ବର୍ମାଙ୍କୁ ନୋଟିସ୍ ଜାରି ହୋଇଥିଲା ଓ ଶ୍ରୀ ମିଶ୍ର ପୁଲିସ ନିକଟରେ ହାଜର ହୋଇ ପକ୍ଷ ରଖିସାରିଛନ୍ତି।

ସୂଚନା ଅନୁସାରେ, ଭୁବନେଶ୍ୱରର କ୍ୟାପିଟାଲ ଥାନା ପୋଲିସ ପକ୍ଷରୁ ଶ୍ରୀ ପାଣ୍ଡିଆନଙ୍କୁ ସମନ ଜାରି କରି ଚଳିତମାସ ୨୫ ତାରିଖ ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱର ଯୁପିଡି ଅଧୀନସ୍ଥ ଏସିପି ଜୋନ୍-୧ କାର୍ଯ୍ୟାଳୟରେ ହାଜର ହେବା ପାଇଁ ଏହି ନୋଟିସରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀ ପାଣ୍ଡିଆନଙ୍କୁ କ୍ୟାପିଟାଲ ଥାନାର ଅତିରିକ୍ତ ଆଇଆଇସି ତଥା ତଦନ୍ତକାରୀ ଅଫିସର ବିପନ ବିହାରୀ ହୋତା ଏହି ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ପକ୍ଷରୁ କୁହାଯାଇଛି ଯେ, କ୍ୟାପିଟାଲ ଥାନାରେ ଗତ ଜୁନ ୧୦ ତାରିଖରେ ରୁଜୁ ହୋଇଥିବା ମାମଲାର ତଦନ୍ତ ସଂକ୍ରାନ୍ତରେ ଏହି ନୋଟିସ ପଠାଇଛି।

ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଏହି ମାମଲା ସମ୍ବନ୍ଧୀୟ ଯେକୌଣସି ଦଲିଲ, ରେକର୍ଡ, ଇଲେକ୍‌ଟ୍ରୋନିକ୍ସ ଉପକରଣ କିମ୍ବା ଅନ୍ୟାନ୍ୟ ପ୍ରାସଙ୍ଗିକ ସାମଗ୍ରୀ ଯାହା ନିଜ ପାଖରେ ଥିବ, ତାହା ସାଙ୍ଗରେ ଆଣିବାକୁ ପୁଲିସ ନୋଟିସରେ ସ୍ପଷ୍ଟ ଭାବରେ ଦର୍ଶାଇଛି। ଏହି ନୋଟିସଟି ଜୁଲାଇ ୨୨ତାରିଖରେ ତାଙ୍କ ପଲାସପଲ୍ଲୀ ବାସଭବନ ଠିକଣାରେ ଜାରି କରାଯାଇଛି। ପାଣ୍ଡିଆନ ୨୦୧୧ ମଇ ମାସରୁ ୨୦୨୩ ଅକ୍ଟୋବର ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ। ସେ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅତ୍ୟନ୍ତ ଘନିଷ୍ଠ ଓ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ଭାବେ ପରିଚିତ। ତାଙ୍କୁ ନୋଟିସ୍ କରାଯିବା ପରେ ଏବେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି।

ଉଲ୍ଲେଖଯୋଗ୍ୟ, ୨୦୦୮ ମସିହାର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡର ଜଷ୍ଟିସ ନାଇଡୁ କମିଶନ ରିପୋର୍ଟ ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡର ଆରଡିସି ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗାଏବ ହୋଇଥିବା ନେଇ ଗୃହ ବିଭାଗ ପକ୍ଷରୁ ଗତ ଜୁନ୍ ମାସରେ ପୁଲିସରେ ଏଫଆଇଆର ଦିଆଯାଇଥିଲା। ୨୦୨୪ ଜୁନ୍ ୪ ତାରିଖରେ ନିର୍ବାଚନ ପରିଣାମ ବିଜେପି ସପକ୍ଷରେ ଯିବା ପରେ ସିଏମଓରୁ ଗୃହ ବିଭାଗକୁ ସମସ୍ତ ଫାଇଲ ପଠାଯାଇଥିଲେ ମଧ୍ୟ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ଫେରିନଥିଲା ବୋଲି ଏଫଆଇଆରରେ ଉଲ୍ଲେଖ ଥିଲା। ନୂଆ ସରକାର ଗଠନ ପରେ ଏହି ରିପୋର୍ଟଗୁଡ଼ିକୁ ସାର୍ବଜନୀନ କରିବା ପାଇଁ ଖୋଜାଖୋଜି କରାଯାଇଥିଲେ ବି ଏହାର କୌଣସି ପତ୍ତା ମିଳିନଥିଲା। ଗୃହ ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ୍ୟ କେବଳ 'ଫାଇଲ ଖୋଜା ଚାଲିଛି' ବୋଲି ଉତ୍ତର ମିଳିଥିଲା।

## ଜେନେରିକ୍ ଔଷଧ ଉପରେ ଟ୍ରମ୍ପ ଲଗାଇଲେ ୨୦୦% ଶୁଳ୍କ

ୱାସିଂଟନ୨୨।୦୭(ମହାଭାରତ):: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ଲଗାଇବା ନୀତି ବଜାୟ ରଖି ଜେନେରିକ୍ ଔଷଧ ଉପରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗିବ ବୋଲି କହିଛନ୍ତି। ସୋସିଆଲ ମିଡିଆ ଟ୍ରୁଥରେ ସୂଚନା ଦେଇ ସେ ଜଣାଇଛନ୍ତି ଯେ ୨୦୨୬ ଅଗଷ୍ଟ ୧ ପରଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେନେରିକ୍ ଔଷଧ ଉପରେ ଶୁଳ୍କ ଶୂନ ପ୍ରତିଶତ ରହିଛି। ୨୦୨୮ ଅଗଷ୍ଟ ୧ଠାରୁ ତାହା ଉପରେ ୧୦୦ ପ୍ରତିଶତ ଓ ୨୦୨୯ ଅଗଷ୍ଟ ପରଠାରୁ ୨୦୦ ପ୍ରତିଶତ ଶୁଳ୍କ ଲାଗିବ। ଆମେରିକାରେ ଜେନେରିକ୍ ଔଷଧ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଟ୍ରମ୍ପ ଏଭଳି ପଦକ୍ଷେପ ଘୋଷଣା କରିଛନ୍ତି। ଯେଉଁ କମ୍ପାନି ଆମେରିକାରେ ଉତ୍ପାଦନ କରିବେ ନାହିଁ, ସେମାନେ ଅଧିକ ଶୁଳ୍କ ଗଣିବାକୁ ବାଧ ହେବେ।

## ଛାତ୍ରଙ୍କୁ ରାଜନୈତିକ ଅସ୍ତ୍ର କରୁଛନ୍ତି ରାହୁଲ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୨୨।୦୭(ମହାଭାରତ): ସଂସଦର ମୌସୁମୀ ଅଧିବେଶନ ସମୟରେ କଂଗ୍ରେସ ଦଳ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଛାତ୍ରଛାତ୍ରୀଙ୍କୁ ରାଜନୈତିକ ହାତବାରିସି ଭାବେ ବ୍ୟବହାର କରି ଗୃହରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ' ପୋଷ୍ଟରେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଲ୍ଲୀ ଲୋକ କଲ୍ୟାଣ ମାର୍ଗ ବାସଭବନ ସମ୍ମୁଖରେ ଗତକାଲି ହାଇଡ୍ରାମା ଦେଖିବାକୁ ମିଳିଥିଲା । ଛାତ୍ରଙ୍କ ପକ୍ଷରୁ ସଂସଦ ମାର୍ଚ୍ଚ ବେଳେ ପୁଲିସ ଛାତ୍ରଛାତ୍ରୀଙ୍କ ଉପରେ କରିଥିବା ଲାଠିମାଡ ପ୍ରତିବାଦରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ



ସମେତ କଂଗ୍ରେସ ଧାରଣା ଦେଇଥିଲା । ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି, ''ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେଇ ସୁରକ୍ଷା ନିୟମ ଭଙ୍ଗ କରିବା ସହ ସାଧାରଣ ଜନତାଙ୍କ ପାଇଁ ଅସୁବିଧା ସୃଷ୍ଟି କରିବା ବିରୋଧୀଙ୍କ କେବଳ ଏକ ରାଜନୈତିକ ନାଟକବାଜି। ସରକାର ନିଟ୍ ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟା ଉପରେ ସଂସଦରେ ସମ୍ପୂର୍ଣ୍ଣ ଆଲୋଚନା ପାଇଁ ପ୍ରସ୍ତୁତ ଥିବା ସତ୍ତ୍ୱେ କଂଗ୍ରେସ ଗଣତାନ୍ତ୍ରିକ ଚର୍ଚ୍ଚା ବଦଳରେ କେବଳ ଗଣମାଧ୍ୟମରେ ଶିରୋନାମା ସାଉଁଟିବାକୁ ଚେଷ୍ଟା କରୁଛି ।''

# ରଥଯାତ୍ରାରେ ଦୁଇଗୁଣା ବସ୍ ଭଡା ଆଦାୟ

ଭୁବନେଶ୍ୱର, ୨୨।୭(ମହାଭାରତ): ପରିବହନ ବିଭାଗର ସମସ୍ତ ପ୍ରକାର ତାଗିଦା ସତ୍ତ୍ୱେ ରଥଯାତ୍ରା ସମୟରେ ଘରୋଇବସ୍‌ଗୁଡିକ ମନଇଚ୍ଛା ଭଡା ଆଦାୟ କରୁଛନ୍ତି । ପୁରୀରୁ ଭୁବନେଶ୍ୱର ଆସୁଥିବା ଯାତ୍ରୀଙ୍କ ଠାରୁ ୨୦୦ ଟଙ୍କା କରି ଭଡା ଆଦାୟ କରାଯାଉଛି । ପ୍ରତିବାଦ କଲେ ବସ୍ ଅଧିକ ରାସ୍ତା ଦେଇ ଯାଉଥିବାରୁ ଏହି ଭଡା ଦେବାକୁ ପଡିବ ବୋଲି କୁହାଯାଉଛି । ରଥଯାତ୍ରା ପାଇଁ ପୁରୀ ଯାଉଥିବା ବହୁ ଲୋକେ ବସ୍ ଉପରେ ନିର୍ଭର କରୁଛନ୍ତି । ସରକାରଙ୍କ ଟ୍ରାଫିକ ନିୟମ ଅନୁଯାୟୀ ବସ୍‌ଗୁଡିକ ନିର୍ଦ୍ଧାରିତ ରୁଟ୍‌ରେ ଚଳାଚଳ କରୁଛନ୍ତି । ତେବେ ଭିଡ ସମୟରେ କେତେକ ବସ୍ ପୁରୀରୁ କୋଣାର୍କ-ନିମାପଡା ଦେଇ ଭୁବନେଶ୍ୱର ଆସୁଛନ୍ତି । ଆଉ କେତେକ ବସ୍ ପୁରୀରୁ ବୀର ହରେକୃଷ୍ଣପୁର ଦେଇ ସିଧାସଳଖ ଭୁବନେଶ୍ୱର ଓ କଟକ ଯାଉଛନ୍ତି । ତେବେ ଏହି ବସ୍‌ଗୁଡିକ ଯାତ୍ରୀମାନଙ୍କ ଠାରୁ ଦୁଇଗୁଣାରୁ ଅଧିକ ଭଡା ଆଦାୟ କରୁଛନ୍ତି । କାରଣ ସାଧାରଣ ସମୟରେ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ଘରୋଇ ବସ୍ ଭଡା ୭୦ ରୁ ୮୦ ଟଙ୍କା ରହିଥାଏ ।

ରଥଯାତ୍ରା ସମୟରେ କାଳେ ଘରୋଇ ବସ୍‌ଗୁଡିକ ଲୋକଙ୍କ ଠାରୁ ଅଧିକ ଭଡା ଆଦାୟ କରିବେ ସେଥିପାଇଁ ପରିବହନ ବିଭାଗର ଅଧିକାରୀମାନେ ଘନ ଘନ ବୈଠକ କରିବା ସହିତ ଅଧିକ ଭଡା ଆଦାୟକଲେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଇଥିଲେ । ହେଲେ ଏହି ଚେତାବନୀକୁ ଘରୋଇ ବସ୍‌ଗୁହିକ ଖାତିର କରିନାହାନ୍ତି । ଯାତ୍ରୀଙ୍କ ବିକଳିଆ ଅବସ୍ଥାକୁ ଦେଖି ବସ୍‌ଗୁଡିକ ଚଢା ହାରରେ ଅର୍ଥ ଆଦାୟ କରୁଛନ୍ତି । ଯାତ୍ରୀ ପିଛା ୨୦୦ ଟଙ୍କା ଆଦାୟ କରୁଥିଲେ ମଧ୍ୟ ସେମାନଙ୍କୁ ଟିକଟ ଦିଆଯାଉ ନାହିଁ ।



ଘରୋଇ ବସ୍‌ଗୁଡିକ ୨୦୦ ଟଙ୍କା ଭଡା ଆଦାୟ କରୁଥିବାବେଳେ ସରକାରଙ୍କ ନିୟନ୍ତ୍ରିତ ୧୨୦ ଟଙ୍କା କରି ନେଉଛନ୍ତି । ରଥଯାତ୍ରା ସମୟରେ ବସ୍‌ଗୁଡିକ କେତେ ପରିମାଣରେ ଭଡା ଆଦାୟ କରୁଛନ୍ତି ଓ ଯାତ୍ରୀଙ୍କୁ କିଭଳି ସେବା ଯୋଗାଉଛନ୍ତି ସେ ସଂକ୍ରାନ୍ତରେ ପରିବହନ ବିଭାଗର ସ୍କ୍ୱାଡ୍ ଯାଞ୍ଚ କରିବାକଥା । ହେଲେ ଏଭଳି ଯାଞ୍ଚ ଦେଖିବାକୁ ମିଳୁନଥିବାରୁ ଘରୋଇ ବସ୍‌ଗୁଡିକ ବେପରୁଆ ଭାବେ ଭଡା ଆଦାୟ କରିବାରେ ଲାଗିଛନ୍ତି ।

ପୁରୀ ଆସୁଥିବା ଯାତ୍ରୀମାନଙ୍କ ଲାଗି ପରିବହନ ବିଭାଗ ପକ୍ଷରୁ ମାଗଣା ଅଟୋସେବା ଯୋଗାଇ ଦିଆଯାଉଛି । ତାଳବଣିଆ ଠାରୁ ବଡଦାଣ୍ଡ ପର୍ଯ୍ୟନ୍ତ ଯାତ୍ରୀମାନଙ୍କ ପାଇଁ ମାଗଣା ପରିବହନ ସେବାର ବ୍ୟବସ୍ଥା ହୋଇଛି । ଏହାଛଡା ବିଶ୍ରାମସ୍ଥଳ, ମାଗଣା ଖାଦ୍ୟ ମଧ୍ୟ ବିଭାଗ ଦେଉଛି । ଦିବ୍ୟାଙ୍ଗମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ବିଭାଗର ଏତେ ସବୁ ସକରାତ୍ମକ ପଦକ୍ଷେପ ସତ୍ତ୍ୱେ ଘରୋଇ ବସ୍ ଭଡାକୁ ନେଇ ଯାତ୍ରୀମାନେ ଅସନ୍ତୋଷ ପ୍ରକଟ କରୁଛନ୍ତି । ପରିବହନ ବିଭାଗ କେବଳ ବୈଠକରେ ନାଲିଆଖି ନଦେଖାଇ ରାସ୍ତାଘାଟରେ ଅତିର୍କିତ ଚଢାଉ କଲେ ଏଭଳି ଭଡା ଆଦାୟ ଉପରେ ବ୍ରେକ୍ ଲାଗିପାରନ୍ତା ବୋଲି କେତେକ ଯାତ୍ରୀ ମତ ଦେଇଛନ୍ତି ।







## କଖାରୁ ହାଲୁଆ

ମିଠା ଜାତୀୟ ଖାଦ୍ୟ ପ୍ରାୟତଃ ସମସ୍ତେ ପସନ୍ଦ କରିଥାନ୍ତି। ତେବେ ବୋଇତି କଖାରୁ ଏକ ଏଭଳି ପରିବା ଯାହା ଦ୍ୱାରା ବିଭିନ୍ନ ବ୍ୟନ ପ୍ରସ୍ତୁତ କରିହେବ। ତାହେଲେ ଜାଣନ୍ତୁ ବୋଇତି କଖାରୁ କିପରି ହାଲୁଆ ପ୍ରସ୍ତୁତ କରିହେବ।

**ଆବଶ୍ୟକ ସାମଗ୍ରୀ:** ବୋଇତି କଖାରୁ: ୩କପ, କ୍ଷୀର: ୧କପ, ଘିଅ: ୧/୨ କପ, କାଜୁ-ପିସ୍ତାବାଦାମ: ୫୦ଗ୍ରାମ, ଅଳେଇଚ: ୪ଟି, ଚିନି : ୧କପ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ ଅନ୍ କରି କାଜୁ,ପିସ୍ତାବାଦାମକୁ ଅଳ୍ପ ଘିଅ ପକାଇ ଭାଜନ୍ତୁ। ବୋଇତି କଖାରୁକୁ କୋରି ଏକ ପାତ୍ରରେ ରଖନ୍ତୁ। ଗ୍ୟାସରେ ପ୍ରେସର କୁକୁର ନେଇ ସେଥିରେ ଘିଅ ଗରମ କରନ୍ତୁ। ଘିଅ ଗରମ ହେବା ପରେ ସେଥିରେ ବୋଇତି କଖାରୁ କୋରାକୁ ପକାଇ ୧୦ ମିନିଟ ଭାଜନ୍ତୁ। ସେଥିରୁ ଅଳ୍ପ ପାଣି ବାହାରିବାକୁ ଲାଗିଲେ ସେଥିରେ ୨କପ ପାଣି ଓ ଏକ କପ କ୍ଷୀର ଦେଇ ପ୍ରେସର କୁକର ବନ୍ଦ କରି ୨ଟି ହ୍ୱିସିଲ ହେବା ଯାଏଁ ଛାଡ଼ି ଦିଅନ୍ତୁ। ବୋଇତି କଖାରୁ ସିଝିଯିବା ପରେ ସେଥିରେ ଅଳେଇଚ ପକାନ୍ତୁ। ସେଥିରେ କାଜୁ,ପିସ୍ତାବାଦାମ ଓ ଚିନି ପକାଇ ଦିଅନ୍ତୁ। ବର୍ତ୍ତମାନ ବୋଇତି କଖାରୁ ମିଶ୍ରଣକୁ ଭଲ ଭାବେ ଭାଜନ୍ତୁ। ବୋଇତି କଖାରୁ ହାଲୁଆ ହେବା ପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରି ନିଅନ୍ତୁ। ପରିବାର ତଥା ଅତିଥିଙ୍କୁ ପରଷନ୍ତୁ।



•••• ଖବର ••••

## ସକାଳ ଜଳଖିଆ ଖାଉନାହାଁନ୍ତି କି ତେବେ ହୋଇଯାଆନ୍ତୁ ସାବଧାନ



ସାରା ଦିନର ଆହାରରେ ସକାଳର ଜଳଖିଆ ସବୁଠାରୁ ଅଧିକ ଜରୁରୀ ହୋଇଥାଏ । କିନ୍ତୁ କିଛି ଲୋକ ଏହାକୁ ଏଡାଇ ଯାଆନ୍ତି । କିନ୍ତୁ ଜଣାଇବାକୁ ଚାହିଁବୁ ଯେ ଜଳଖିଆ ହେଉଛି ଆମ ଖାଦ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୋଜନ । ଅନ୍ୟପଟେ, ଯଦି ଆପଣ ସକାଳେ ଜଳଖିଆ ନକରନ୍ତି, ତେବେ ଆପଣଙ୍କର ଗୁରୁତର ସମସ୍ୟା ହୋଇପାରେ । ସାରା ଦିନର ଆହାରରେ ସକାଳର ଜଳଖିଆ ସବୁଠାରୁ ଅଧିକ ଜରୁରୀ ହୋଇଥାଏ । କିନ୍ତୁ କିଛି ଲୋକ ଏହାକୁ ଏଡ଼ାଇ ଦିଅନ୍ତି । । ଜଳଖିଆ ନଖାଇବା ଦ୍ୱାରା ଆପଣଙ୍କ ହୃତପିଣ୍ଡ ଭଲ ଭାବରେ କାମ କରେ ନାହିଁ । ଯେଉଁଥିପାଇଁ ଆପଣଙ୍କ ହୃଦୟ ସହିତ ଜଡିତ ସମସ୍ୟା ମଧ୍ୟ ହୋଇପାରେ । ତେବେ ଆସନ୍ତୁ ଜାଣିବା ଜଳଖିଆ ସ୍କିପ୍ କଲେ ଏହା ଆପଣଙ୍କ ଶରୀର ଉପରେ କଣ ପ୍ରଭାବ ପକାଇବ ।

**ଓଜନ ବୃଦ୍ଧି:**
ଯଦି ଆପଣ ଜଳଖିଆ ଖାଉ ନାହାନ୍ତି, ତେବେ ଆପଣ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନରେ ଅଧିକ ଭୋକିଲା ଅନୁଭବ କରନ୍ତି ଏବଂ ଆପଣ ଅଧିକ ପରିପୂର୍ଣ୍ଣ ଚର୍ବି, କ୍ୟାଲୋରୀ ଏବଂ ମିଠା ଜାତୀୟ ଖାଦ୍ୟ ଖାଇବା ଆରମ୍ଭ କରନ୍ତି । ଯେଉଁ କାରଣରୁ ଆପଣଙ୍କ ଓଜନ ଦ୍ରୁତ ଗତିରେ ବଢିବା ଆରମ୍ଭ କରେ ।

**ମଧୁମେହ:**
ଯଦି ଆପଣ ଜଳଖିଆକୁ ଅଣଦେଖା କରନ୍ତି, ତେବେ ଏହା ମଧୁମେହ ହେବାର ସମ୍ଭାବନା ବଢାଇଥାଏ । କାର୍ଯ୍ୟରତ ଲୋକ ମାନଙ୍କ ସହିତ ଏହି ସମସ୍ୟା ଅଧିକ ହୋଇଥାଏ ।

**ଇମ୍ୟୁନିଟୀ:**
ମାନସିକ ସ୍ତରରେ, ଯଦି ଆପଣ ସକାଳେ ଜଳଖିଆ ନ କରନ୍ତି, ତେବେ ଆପଣ ଦିନସାରା କ୍ଲାନ୍ତ ଅନୁଭବ କରିବେ ଏବଂ ଆପଣଙ୍କ ମନୋବଳ ମଧ୍ୟ ଠିକ ରହିବ ନାହିଁ ।

**ହୃଦୟ ସମସ୍ୟା:**
ଯେଉଁ ଲୋକମାନେ ସକାଳେ ଜଳଖିଆ କରନ୍ତି ନାହିଁ, ସେମାନଙ୍କର ରକ୍ତଚାପ ସାଧାରଣ ଅପେକ୍ଷା ଅଧିକ ରହିବାକୁ ଲାଗେ, ଯାହା ଧମନୀ ରକ୍ତ ପ୍ରବାହକୁ ପ୍ରଭାବିତ କରିଥାଏ । ସେଥିପାଇଁ ଭୁଲ୍ରେ ମଧ୍ୟ ଜଳଖିଆ ସ୍କିପ କରିବା ଉଚିତ୍ ନୁହେଁ ।

**କ୍ୟାନସର ହେବାର ଆଶଙ୍କା:**
ଯଦି ଆପଣ ଜଳଖିଆ ସହିତ ଦିନ ଆରମ୍ଭ ନକରନ୍ତି, ତେବେ ଆପଣଙ୍କୁ ଅନେକ ଗମ୍ଭୀର ସମସ୍ୟାର ସାମ୍ନା କରିବାକୁ ପଡିପାରେ । ଏହାର ଅର୍ଥ ଆପଣ ମଧ୍ୟ କ୍ୟାନସର ରୋଗର ଶିକାର ହୋଇପାରନ୍ତି । ସେଥିପାଇଁ ଜଳଖିଆକୁ କେବେବି ସ୍କିପ କରିବା ଉଚିତ୍ ନୁହେଁ ।

**ଅଧକପାଳୀ:**
ଯେତେବେଳେ ଆପଣ ଜଳଖିଆ ନ ଖାଆନ୍ତି, ସେହି ସମୟରେ ଆପଣଙ୍କ ରକ୍ତରେ ଶର୍କରା ସ୍ତର କମ୍ ହୋଇଥାଏ ଏବଂ ଏହା ଉଚ୍ଚ ରକ୍ତଚାପ ଏବଂ ମୁଣ୍ଡବିନ୍ଧା ବା ଅଧକପାଳୀର କାରଣ ହୋଇପାରେ । ତେଣୁ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ।

## ପଞ୍ଚଦେବତାଙ୍କୁ ପୂଜା କରାଯାଏ କାହିଁକି ?




ଶାସ୍ତ୍ର ଅନୁସାରେ ପାଞ୍ଚ ଜଣଙ୍କୁ ପ୍ରମୁଖ ଦେବତା ଭାବେ ବିଚାର କରାଯାଇଛି। ତେଣୁ ଯେକୌଣସି ଶୁଭ କାର୍ଯ୍ୟର ପ୍ରାରମ୍ଭରେ ସେମାନଙ୍କୁ ପୂଜା କରିବା ଅନିବାର୍ଯ୍ୟ ବୋଲି ପରମ୍ପରା ରହିଛି। ତେବେ ଏହି ପଞ୍ଚଦେବଙ୍କୁ ବିଧିବଧ ଭାବେ ପୂଜା କଲେ ସମସ୍ତ କାର୍ଯ୍ୟ ନିର୍ବିଘ୍ନ ପୂର୍ଣ୍ଣ ହୋଇଥାଏ। ଏହି ପଞ୍ଚ ଦେବଙ୍କ ମଧ୍ୟରେ ଅଛନ୍ତି, ଶ୍ରୀଗଣେଶ, ଶ୍ରୀବିଷ୍ଣୁ, ଶ୍ରୀଶିବ, ଶ୍ରୀସୂର୍ଯ୍ୟ ଏବଂ ଦେବୀ ମାତା। ଆହୁରି ଆମ ଶରୀର ପଞ୍ଚ ମହାଭୂତରେ ଗଠିତ। ତେଣୁ ସେହି ପଞ୍ଚତତ୍ତ୍ୱରେ ଏହି ପାଞ୍ଚ ଦେବାଦେବୀ ବାସ କରନ୍ତି ବୋଲି ବି ବିଶ୍ୱାସ କରାଯାଏ। ଗଣେଶଙ୍କୁ ଜଳ ତତ୍ତ୍ୱ, ବିଷ୍ଣୁଙ୍କୁ ବାୟୁ ତତ୍ତ୍ୱ, ଶିବଙ୍କୁ ପୃଥ୍ୱୀ ତତ୍ତ୍ୱ, ସୂର୍ଯ୍ୟଙ୍କୁ ଆକାଶ ତତ୍ତ୍ୱ ଏବଂ ଦେବୀଙ୍କୁ ଅଗ୍ନି ତତ୍ତ୍ୱ ବୋଲି ବିଚାର କରାଯାଏ। ଆମ ଜୀବନ ପାଇଁ ସର୍ବପ୍ରଥମେ ଜଳର ଆବଶ୍ୟକତା ରହିଛି। ଏଣୁ ଶ୍ରୀଗଣେଶଙ୍କୁ ପ୍ରଥମେ ପୂଜା କରାଯାଏ। ଏହିପରି ଭାବେ ଏସମସ୍ତ ଦେବାଦେବୀଙ୍କୁ ପଞ୍ଚଦେବତା ଭାବେ ନିତ୍ୟ ପୂଜା କରାଯାଇଥାଏ। ଯେହେତୁ ଆମ ଶରୀରରେ ପଞ୍ଚ ତତ୍ତ୍ୱ ବିଦ୍ୟମାନ ତେଣୁ ପଞ୍ଚ ଦେବତା ମଧ୍ୟ ସେହି ଅନୁସାରେ ବିଦ୍ୟମାନ ଅଟନ୍ତି। ପଞ୍ଚ ଦେବାତଙ୍କୁ ପୂଜା କରିବା ଅର୍ଥ ନିଜେ ନିଜକୁ ପୂଜା କରିବା ସହ ସମାନ ବୋଲି ବିଚାର କରାଯାଏ।

## ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର



ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ । ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ । ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି । ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି । ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ । ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ ମିଳିବା ସମ୍ଭବ । ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ । ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ'ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ । ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର । ବିବେକ ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ । ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର । ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରୀ ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ ।

## ଦୃଢ଼ ଇଚ୍ଛାଶକ୍ତି ଓ ସଂକଳ୍ପ



ବୁଦ୍ଧଙ୍କ ଜଣେ ଶିଷ୍ୟ ନିଜ ଗୁରୁଙ୍କ ବାର୍ତ୍ତା ଦୂର ଦୂର ପର୍ଯ୍ୟନ୍ତ ପ୍ରଚାର କରିବାକୁ ଚାହୁଁଥିଲା । ସେଥିପାଇଁ ସେ ଏକ ଯାତ୍ରାରେ ଯିବାକୁ ଚାହୁଁଥିଲା। ବୁଦ୍ଧ ତାକୁ ପଚାରିଲେ, ତୁମେ କେଉଁଠିକୁ ଯାଉଛ, କେଉଁ ଦିଗରେ, କେଉଁ ଅଞ୍ଚଳକୁ ? ଶିଷ୍ୟ ଜଣକ ଉତ୍ତର ଦେଲା, ମୁଁ ଏକ ଦୂର ରାଜ୍ୟକୁ ଯାଉଛି, ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳକୁ। ଆଜି ଯାଏ ସେଠାକୁ ଆପଣଙ୍କ କୌଣସି ଶିଷ୍ୟ ଯାଇନାହାନ୍ତି।

ବୁଦ୍ଧ କହିଲେ, ଯିବା ପୂର୍ବରୁ ତୁମକୁ ପରୀକ୍ଷା ଦେବାକୁ ପଡ଼ିବ। ତୁମକୁ ମୋର ୩ଟି ପ୍ରଶ୍ନର ଉତ୍ତର ଦେବାକୁ ହେବ। ପ୍ରଥମ, ତୁମେ ଭଲ ଭାବେ ଜାଣ ଯେ ସେଠାକୁ ଯିବା ତୁମ ପାଇଁ ବିପଦ ହୋଇପାରେ । ସେହି ପ୍ରଦେଶର ଲୋକମାନେ ହିଂସାତ୍ମକ ହୋଇପାରନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ହତ୍ୟାକାରୀ ହୋଇପାରନ୍ତି । ଏହି କାରଣରୁ ଏଯାଏଁ କେହି ସେମାନଙ୍କ ପାଖକୁ ଯାଇନାହିଁ। ଯଦି ସେମାନେ ତୁମକୁ ଅପମାନିତ କରିବେ, ତୁମେ କିପରି ଅନୁଭବ କରିବ ? ଶିଷ୍ୟ ଜଣକ କହିଲା, ଆପଣ ମୋ ବିଷୟରେ ସବୁକିଛି ଜାଣନ୍ତି । ଆପଣ ମୋ ହୃଦୟକୁ ମଧ୍ୟ ଭଲ ଭାବେ ବୁଝିପାରନ୍ତି, କାରଣ ଆପଣ ହିଁ ମୋ ହୃଦୟରେ ଅଛନ୍ତି। ଯଦି ସେଠାରେ ମୁଁ ଅପମାନିତ ହୁଏ, ତା'ହେଲେ ମୋ ହୃଦୟର ଗଭୀରତମ କୋଣରୁ ସେମାନଙ୍କୁ କୃତଜ୍ଞତା ଜଣାଇବି । ଏଥିପାଇଁ ଯେ, ସେମାନେ ମୋତେ ମାଡ଼ ମାରିବା ବଦଳରେ କେବଳ ଅସମ୍ମାନିତ କରିଛନ୍ତି । ବୁଦ୍ଧ ଦ୍ୱିତୀୟ ପ୍ରଶ୍ନ ପଚାରିଲେ, ସେମାନେ ତୁମକୁ ମାଡ଼ ମାରିପାରନ୍ତି, ସେତେବେଳେ ତୁମେ କ'ଣ କରିବ ? ଶିଷ୍ୟ କହିଲା, ଆପଣ ଭଲ ଭାବେ ଜାଣନ୍ତି ଯେ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ଅଧିକ ନିବିଡ଼ ଭାବେ ଜଣାଇବି। କାରଣ ସେମାନେ କେବଳ ମୋତେ ମାଡ଼ ମାରିଛନ୍ତି, ମୋର ହତ୍ୟା ବି କରିପାରିଥାନ୍ତେ । ବୁଦ୍ଧ ତୃତୀୟ ପ୍ରଶ୍ନ ପଚାରିଲେ, ଯଦି ସେମାନେ ତୁମକୁ ହତ୍ୟା କରନ୍ତି ? ଶିଷ୍ୟ କହିଲା, ଯଦି ସେମାନେ ମୋତେ ମାରି ଦିଅନ୍ତି, ଜୀବନର ଶେଷ କ୍ଷଣରେ ମଧ୍ୟ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ଜଣାଇବି। କାରଣ ସେମାନେ ମୋତେ ମାରିବା ଦ୍ୱାରା ମୋ ଶରୀରରୁ ଜୀବନକୁ ଅଲଗା କରିଦେବେ । ସେଇ ଜୀବନ, ଯେଉଁଥିରେ ମୁଁ ଅନେକ ଗୁଡ଼ିଏ ଭୁଲ କରିଛି । ଆଗକୁ ମୁଁ କେବେ କୌଣସି ଭୁଲ କରିପାରିବି ନାହିଁ । ମୁଁ ଭାବିବି ଯେ ସେମାନେ ମୋ ମିତ୍ର। କାରଣ ସେମାନେ ମୋତେ ବନ୍ଧନ ମୁକ୍ତ କରିଛନ୍ତି । ଏହା ପରେ ବୁଦ୍ଧ କହିଲେ, ଏବେ ତୁମେ ଯେଉଁଠି ଚାହୁଁଛ ସେଇଠିକି ଯାଇପାର । ତୁମେ ଯୁଆଡ଼େ ବି ଯିବ ମୋ ଆଦର୍ଶର ପ୍ରଚାର ଦିଗରେ ସଫଳ ହୋଇପାରିବ । ତୁମେ ପ୍ରେମ ଓ କରୁଣା ବାଣ୍ଟିବାରେ ସଫଳ ହୋଇପାରିବ । ତୁମେ ଲୋକଙ୍କୁ ଜାଗୃତ କରିବାରେ ସହାୟକ ହୋଇପାରିବ । ଏହି କଥାର ମର୍ମ ହେଉଛି, ଦୃଢ଼ ଇଚ୍ଛାଶକ୍ତି ଓ ସଂକଳ୍ପ ବଳରେ ଅସମ୍ଭବ କାର୍ଯ୍ୟକୁ ମଧ୍ୟ ସମ୍ଭବ କରିପାରିବ।

## ଖଟରେ ବସି କରନ୍ତୁ ନାହିଁ ଭୋଜନ

ଆଧୁନିକ ଜୀବନଶୈଳୀରେ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ନୀତିନିୟମରେ ପରିବର୍ତ୍ତନ କରିଥାଉ। ପ୍ରଥମେ ଲୋକେ ଚଟାଣରେ ଆସନ ପକାଇ ଭୋଜନ କରୁଥିଲେ। ଖାଦ୍ୟ ଖାଇବା ସମୟରେ



ଅନ୍ୟ କାହା ସହ କଥାବାର୍ତ୍ତା ମଧ୍ୟ କରୁନଥିଲେ। ଜ୍ୟୋତିଷଙ୍କ ମତାନୁଯାୟୀ, ଖାଦ୍ୟ ଖାଇବାର ଅଭ୍ୟାସ ଓ ପ୍ରଣାଳୀ ଆମ ଗ୍ରହଙ୍କ ଉପରେ ପ୍ରଭାବ ପକାଇଥାଏ। ଜାଣନ୍ତୁ.

- ଖଟରେ ବସି କଦାପି ଭୋଜନ କରନ୍ତୁ ନାହିଁ। ଏହାଦ୍ୱାରା ଅନ୍ନର ଅବମାନନା ହୋଇଥାଏ। ରାହୁଙ୍କ କୁପ୍ରଭାବ ପଡ଼ିଥାଏ।
- ଭୋଜନ କରିବା ସମୟରେ ଟିଭି ଦେଖନ୍ତୁ ନାହିଁ। ବହି ପଢନ୍ତୁ ନାହିଁ। ଏପରି କରିବା ଦ୍ୱାରା ଶ୍ୱାସନଳୀ ମଧ୍ୟରେ ଭୋଜନର ଅଂଶ ଯିବାର ଅଧିକ ସମ୍ଭାବନା ରହିଥାଏ।
- ଖାଦ୍ୟ ଖାଇବା ପୂର୍ବରୁ ହାତ ଓ ଗୋଡ଼ ଭଲ ଭାବେ ଧୁଅନ୍ତୁ। ଶୀଘ୍ର ଶୀଘ୍ର ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଦ୍ୟ ଖାଇବାର ସଙ୍ଗେ ସଙ୍ଗେ ପାଣି ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାମାନ୍ୟ ପିଇପାରିବେ।
- ସର୍ବଦା ବସିବା ଅବସ୍ଥାରେ ଭୋଜନ କରନ୍ତୁ। ଖାଦ୍ୟ ଖାଇବାର ୪୦ ମିନିଟ ପରେ ପାଣି ପିଅନ୍ତୁ।
- ଭୋଜନ କରିବା ପରେ କିଛି ଲୋକେ ଥାଳିରେ ହିଁ ହାତ ଧୋଇଦିଅନ୍ତି। ଏହାଦ୍ୱାରା ମା'ଲକ୍ଷ୍ମୀଙ୍କ ଅବମାନନା ହୋଇଥାଏ। ଚନ୍ଦ୍ର ଓ ଶୁକ୍ରଙ୍କର କୁପ୍ରଭାବ ପଡ଼ିଥାଏ। ଘରୁ ସୁଖ-ସମୃଦ୍ଧି ହ୍ରାସ ପାଇଥାଏ।
- ଖାଦ୍ୟ ଖାଇବା ପରେ ଥାଳିରେ ବଳକା ଖାଦ୍ୟ ଛାଡ଼ନ୍ତୁ ନାହିଁ। ଖାଦ୍ୟ ଖାଇବା ସମୟରେ ପ୍ରଥମେ ଏହାକୁ ମସ୍ତକରେ ଲଗାଇ ଭୋଜନ କରନ୍ତୁ।
- ଭୋଜନ କରିବା ସମୟରେ ପୂର୍ବ ଦିଗକୁ ମୁହଁ କରି ଭୋଜନ କରନ୍ତୁ।

ନଗରନକ୍ସା
ମହାନଗରର ନିଜ ଭାଷା




# ଜରୁରୀକାଳୀନ ଯୋଜନା ଓ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା ପ୍ରସ୍ତୁତ



**ଭୁବନେଶ୍ୱର,୨୨।୭ (ମହାଭାରତ):** ରାଜ୍ୟରେ କମ୍ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ସ୍ଥିତିକୁ ନେଇ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।ଏଥିରେ ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ବିଶାଳ କୁମାର ଦେବ, ଜଳସମ୍ପଦ ବିଭାଗ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଏବଂ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ବିଭାଗୀୟ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ବାଲିମେଳା ଓ ମାଛକୁଣ୍ଡ ଭଳି ବଡ଼ ବଡ଼ ଜଳାଶୟର କ୍ୟାଚମେଂଟ ଅଂଚଳରେ କମ୍ ବର୍ଷା ହୋଇଥିବାରୁ ସରକାର ସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ଜନସାଧାରଣଙ୍କୁ ଆଦୌ ନଡରିବାକୁ ଆଶ୍ୱାସନା ଦେଇଛନ୍ତି। ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜଳାଶୟଗୁଡ଼ିକରେ ଥିବା ପାଣିକୁ ପ୍ରଥମେ ପାନୀୟ ଜଳ ଏବଂ ଚାଷ କାର୍ଯ୍ୟ ପାଇଁ ସଂରକ୍ଷିତ ରଖାଯିବ। ଏହା ପରେ ଯାଇ ବିଦ୍ୟୁତ ଉତ୍ପାଦନ ପାଇଁ ପାଣି ଦିଆଯିବ। ଗତବର୍ଷ ତୁଳନାରେ ଏଥର ଜଳସ୍ତର କମ୍ ଥିବାରୁ କୃଷି ଓ ଜଳସମ୍ପଦ ବିଭାଗ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି, ଯେପରି ଖରିଫ ଚାଷରେ କୌଣସି ଅସୁବିଧା ନହୁଏ। ଏଥିପାଇଁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ସହ ମଧ୍ୟ ଆଲୋଚନା କରାଯାଇଛି। ଶ୍ରୀ ସିଂହଦେଓ ସ୍ପଷ୍ଟ କରିଛନ୍ତି ଯେ, ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବାଲିମେଳାରେ ବିଦ୍ୟୁତ ଉତ୍ପାଦନକୁ କିଛି ଦିନ ପାଇଁ ବନ୍ଦ ରଖାଯାଇଛି। କମ୍ ବର୍ଷା ସତ୍ତ୍ୱେ ବିକଳ୍ପ ବ୍ୟବସ୍ଥା ଯୋଗୁଁ ରାଜ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ରହିଛି। ତେଣୁ ବିଦ୍ୟୁତ ବା ପାଣି ଅଭାବ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ। ଏହି ସମସ୍ୟାର ସମାଧାନ ପାଇଁ ସରକାର ଏକ ବ୍ୟାପକ ଆପଦକାଳୀନ ଯୋଜନା ପ୍ରସ୍ତୁତ କରିଛନ୍ତି। ଫସଲକୁ ବଂଚାଇବା ପାଇଁ କୃଷି, ଶକ୍ତି ଓ ଜଳସମ୍ପଦ ବିଭାଗ ମିଳିତ ଭାବେ କାମ କରୁଛନ୍ତି। ଜଳ-ବିଦ୍ୟୁତ ଉତ୍ପାଦନ କମିଥିବାରୁ ଶକ୍ତି ବିଭାଗ ଗ୍ରିଡକୋ ଏବଂ ଓଏଚପିସି ଜରିଆରେ ବାହାର ଗ୍ରିଡ୍ ରୁ ବିଦ୍ୟୁତ ଆଣିବାକୁ ବ୍ୟବସ୍ଥା କରିଛନ୍ତି, ଯାହାଦ୍ୱାରା ଲୋକମାନେ ନିରବଚ୍ଛିନ୍ନ ବିଦ୍ୟୁତ ପାଇପାରିବେ। ସେହିପରି ମାଛକୁଣ୍ଡ ପ୍ରକଳ୍ପର ବୈଷୟିକ ସମସ୍ୟା ଦୂର କରିବା ପାଇଁ ଓଡ଼ିଶା ସରକାର ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଆଲୋଚନା ଚଳାଇଛନ୍ତି, ଯେପରି ଏହି ପ୍ରକଳ୍ପରୁ ଶୀଘ୍ର ପୁଣିଥରେ ସମ୍ପୂର୍ଣ୍ଣ ବିଦ୍ୟୁତ ଉତ୍ପାଦନ ଆରମ୍ଭ ହୋଇପାରିବ। ରାଜ୍ୟ ସରକାର ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିଛନ୍ତି ଏବଂ ଜଳ ଓ ଶକ୍ତିର ସଠିକ୍ ପରିଚାଳନା ପାଇଁ ପ୍ରତିବଦ୍ଧ ଅଛନ୍ତି।

# ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା

**ଭୁବନେଶ୍ୱର,୨୨।୭ (ମହାଭାରତ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ସଂସ୍କୃତ ଓ ଅର୍ଥଶାସ୍ତ୍ରର ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉଦଘାଟନୀ ଅଧିବେଶନରେ ପ୍ରାଥମିକ ନିର୍ଦ୍ଦେଶକ ବାଳମୁକୁନ୍ଦ ମୀନା, ୟୁନିସେଫ୍ ର ଫିଲ୍ଡ ଅଫିସ୍ ଚିଫ୍ ପ୍ରଶାନ୍ତ କୁମାର ଦାସ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ପ୍ରାଥମିକ ନିର୍ଦ୍ଦେଶକ ବାଳମୁକୁନ୍ଦ ମୀନା ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ସମାଜ ଓ ଦେଶ ପାଇଁ ଉତମ ନାଗରିକର ଗଠନର ଭାର ଶିକ୍ଷକଙ୍କ ଉପରେ ନ୍ୟସ୍ତ ଥାଏ ତେବେ ଛାତ୍ରଛାତ୍ରୀଙ୍କୁ ଉଚିତ୍ ଦିଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତବ୍ୟ ବୋଲି ସେ ମତ ପ୍ରକାଶ କରିଛନ୍ତି। ସେହିପରି ୟୁନିସେଫ୍ ର ଫିଲ୍ଡ ଅଫିସ୍ ଚିଫ୍ ଶ୍ରୀ ଦାସ କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉପଦେଶ ଦେଇଥିଲେ । ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ଅପରାଧଠାରୁ ଦୂରେଇ ରଖିବା ପାଇଁ ସେମାନଙ୍କୁ ଉଚିତ୍ ମାର୍ଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତବ୍ୟ ବୋଲି ଶ୍ରୀ ଦାସ କହିଛନ୍ତି।

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ ଉଦବୋଧନ ଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ କର୍ମଶାଳାରୁ ଜ୍ଞାନ ଆହରଣ କରି ଛାତ୍ରଛାତ୍ରୀଙ୍କ ବିକାଶରେ ବ୍ୟବହାର କରିବାକୁ ଉପଦେଶ ଦେଇଛନ୍ତି । ସେ କହିଛନ୍ତି, ଦିଗଦର୍ଶନ କର୍ମଶାଳା ମାଧ୍ୟମରେ ଶିକ୍ଷକମାନେ ଯାହା ଶିଖିକି ଯାଇଥାନ୍ତି, ତାହା ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ କରିବାରେ ସହାୟକ ହୋଇଥାଏ । ଏଥିସହ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମାଳି ସ୍ୱାଗତ ଅଭିଭାଷଣ ରଖି କର୍ମଶାଳାର ବିସ୍ତୃତି ବିବରଣୀ ପ୍ରଦାନ କରିଥିଲେ। ଉପନିର୍ଦ୍ଦେଶକ ଶ୍ରୀମତୀ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଦିଗଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯିବ । ପ୍ରଥମ ପର୍ଯ୍ୟାୟ ଜୁଲାଇ ୨୦ ରୁ ଜୁଲାଇ ୨୪ ତାରିଖ ଯାଏଁ ଅନୁଷ୍ଠିତ ହେଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ଜୁଲାଇ ୨୭ ରୁ ଜୁଲାଇ ୩୧ ତାରିଖ ଯାଏଁ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟରେ ଅର୍ଥଶାସ୍ତ୍ର ଓ ସଂସ୍କୃତର ୧୨୦ ଜଣ ପିଜିଟି ଯୋଗ ଦେଇଛନ୍ତି ।

# ଶ୍ରମ କମିଶନରଙ୍କ ସହ ଆଲୋଚନା ପରେ ଶ୍ରମିକଙ୍କ ୨୦ ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର,୨୨।୭ (ମହାଭାରତ):** ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଗାମୀ ଜୁଲାଇ ୨୦ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହେବାକୁ ଥିବା ଅନିର୍ଦ୍ଦିଷ୍ଟ କାଳ ଧାରଣା ଆଜି ଶ୍ରମ କମିଶନରଙ୍କ ସହ ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ପ୍ରତିନିଧିମାନଙ୍କ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ଦାବି ଯଥା - ଗତ ତା୧୯.୦୭.୨୫ରିଖରେ ଅନୁଷ୍ଠିତ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ବୈଠକରେ ସହମତି ହୋଇଥିବା ବିଭିନ୍ନ ସମସ୍ୟା ଯଥା - ନବୀକରଣ ଓ ପୁନଃକ୍ଷମ ସମୟରେ ପଞ୍ଜିକୃତ ଶ୍ରମିକ ସଂଗଠନର ସୁପାରିଶକୁ କାର୍ଯ୍ୟକାରୀ କରିବା, ନବୀକରଣ ଫି ଦାଖଲ କରିଥିଲେ ଯଦି ଅନୁମୋଦନ ନହୋଇ ମୃତ୍ୟୁବରଣ କରେ ସେଥିପାଇଁ ସହାୟତା ରାଶି ପ୍ରଦାନ କରିବା, ପ୍ରସୂତିକାଳୀନ ସହାୟତା ରାଶିର ଆବେଦନର ସମୟସୀମା ୧ ବର୍ଷରୁ ୩ ବର୍ଷକୁ ବୃଦ୍ଧି କରିବା, ଶିକ୍ଷା ସହାୟତା ଥିବା ତ୍ରୁଟିକୁ ତୁରନ୍ତ ସମାଧାନ କରିବା, ୬୦ବର୍ଷ ପୂର୍ବରୁ ଯଦି କନ୍ୟା ବିବାହ ହୋଇଥାଏ, ୬୦ବର୍ଷ ପୁରିଲା ପରେ ଆବେଦନ କରିପାରିବ ଏବଂ ସମସ୍ତ ପଡିରହିଥିବା ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନରେ ଆର୍ଥିକ ବର୍ଷକୁ ହଟାଇବା ଉପରେ ତୁରନ୍ତ ବିଭାଗୀୟ ନିର୍ଦ୍ଦେଶନାମା ୭ ଦିନ ମଧ୍ୟରେ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧିରେ ରାଜ୍ୟ ଆବାହକ ବିଜୟ ଜେନା, ମନୋରଞ୍ଜନ ମହାରଣା, ରାଜକିଶୋର ମଲ୍ଲିକ, ବିପ୍ଳବ କେଶରୀ ମହାପାତ୍ର, ମହାବୀର ମିଶ୍ର, ପ୍ରବୀଣ ଦାସ, ଶେକ୍ ଅମଜାଦ ଅଲ୍ଲୀ, ଜ୍ଞାନରଞ୍ଜନ ଦାସ, ମଞ୍ଜୁଳା ମିଶ୍ର, ସସ୍ମିତା ବସ୍ତିଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ମୁଖ୍ୟ ଶାସନ ସଚିବଙ୍କ ସହିତ ଜିଲ୍ଲାପାଳମାନଙ୍କ ବୈଠକ

**ଭୁବନେଶ୍ୱର,୨୨।୭ (ମହାଭାରତ):** ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଗତ ଶନିବାର ଜିଲ୍ଲାପାଳମାନଙ୍କ ସହିତ ଏକ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଶେଷ କରି ଜିଲ୍ଲାସ୍ତରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଥିଲା । ବୈଠକରେ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମସ୍ତ ଜିଲ୍ଲାପାଳ ଭିଡିଓ କନଫରେନ୍ସ ମାଧ୍ୟମରେ ବୈଠକରେ ଯୋଗଦେଇ ଥିଲେ ।

ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଶ୍ରୀ ହେମନ୍ତ ଶର୍ମା। ଯୋଗଦେଇ ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ରୋକିବା ଦିଗରେ ଜିଲ୍ଲାସ୍ତରରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ନାର୍କୋ ସମନ୍ୱୟ (ଏନ୍‌ସିଓଆରଡି) କମିଟିର ନିୟମିତ ତ୍ରୈମାସିକ ବୈଠକ ଆୟୋଜନ ଓ ଏହାର ଫଳପ୍ରଦ ସମୀକ୍ଷା ଉପରେ ଜିଲ୍ଲାପାଳ ଓ ଏସପିମାନେ ସୁନିଶ୍ଚିତ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି 'ନିଶା ମୁକ୍ତ ଭାରତ ଅଭିଯାନ' ଲକ୍ଷ୍ୟ ହାସଲ ନିମନ୍ତେ ୨୦୨୬-୨୦୨୯ ଅବଧି ପାଇଁ ପ୍ରତ୍ୟେକ ଜିଲ୍ଲାରେ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତ କରି ନିଶାଦ୍ରବ୍ୟ ଚାହିଦା ହ୍ରାସ, ଚୋରାଚାଲାଣ ନିୟନ୍ତ୍ରଣ, ଆଇନର କଡ଼ା କାର୍ଯ୍ୟକାରିତା, ଜନସଚେତନତା, ଚିକିତ୍ସା ଓ ପୁନର୍ବାସ କାର୍ଯ୍ୟକ୍ରମକୁ ସମନ୍ୱିତ ଭାବେ କାର୍ଯ୍ୟକାରୀ କରିବା ସହ ପ୍ରତ୍ୟେକ ବୈଠକରେ ପୂର୍ବ ନିଷ୍ପତ୍ତିର ଅଗ୍ରଗତି ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।



ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଂଚଳ ୨.୦ ଆଫର୍ଡେବଲ ହାଉସିଂ, ଆଫୋର୍ଡେବଲ ରେଣ୍ଟାଲ ହାଉସିଂ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମୀକ୍ଷା କରି ଏଣ୍ଡେଇ ଆବଶ୍ୟକ ଜମି ଚିହ୍ନଟ, ଜମି ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ସମାଧାନ, ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତି ଓ ଯୋଜନାଗୁଡ଼ିକୁ ସମୟବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ ଶ୍ରୀମତୀ ଉଷା ପାଢୀ ଏ ସଂପର୍କରେ ଜିଲ୍ଲାପାଳମାନଙ୍କ ସହିତ ସର୍ବିସ୍ତୃତ ଆଲୋଚନା କରିଥିଲେ । ଆହୁରି ମଧ୍ୟ ଅମୃତ ୨.୦ ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟାନ୍ନୟନ ସମ୍ପର୍କରେ ସମୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଛି । ଶିଳ୍ପ ପ୍ରତିଷ୍ଠା ଓ ଶିଳ୍ପାଂଚଳର ଦ୍ରୁତ ବିକାଶ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି, ସେଥିରୁ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅନୁମୋଦନ ସଂପର୍କରେ ଇଡକୋ ପକ୍ଷରୁ ଆଲୋଚନା କରାଯାଇଥିଲା । ଜମି ଅଧ ?ଗ୍ରହଣ ଓ ଲିଜ୍ ପ୍ରସ୍ତାବର ଶୀଘ୍ର ଅନୁମୋଦନ, ସ୍ଥାନୀୟ ସମସ୍ୟାର ସମାଧାନ, ଗ୍ରାମସଭା ଆୟୋଜନରେ ସହଯୋଗ ଏବଂ କ୍ଷତିପୂରକ ବନୀକରଣ ପାଇଁ ଆବଶ୍ୟକ ଜମି ଚିହ୍ନଟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଜ୍ୟସ୍ତରୀୟ ବୈଠକ ଭଳି ଜିଲ୍ଲାସ୍ତରରେ ସିଙ୍ଗଲ ୱିଣ୍ଡୋ ଅଥରିଟି କମଟି ବୈଠକ ନିୟମିତ ଭାବେ କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ନିଷ୍ପତ୍ତି ନେବାକୁ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥି ସହିତ ବର୍ଷା ଋତୁରେ ଜଳବାହିତ ଓ ବିଭିନ୍ନ ବାହକ ଜନିତ ରୋଗର ପ୍ରତିରୋଧ ପାଇଁ ସତର୍କତା ଓ ନିରୀକ୍ଷଣ, ପର୍ଯ୍ୟାପ୍ତ ଔଷଧ ଓ ଚିକିତ୍ସା ସାମଗ୍ରୀର ଉପଲବ୍ଧତା, ଜନସଚେତନତା ଏବଂ ଜିଲ୍ଲାସ୍ତରରେ ନିୟମିତ ସମୀକ୍ଷା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ଉପସ୍ଥିତ ରହି ଆଲୋଚନା କରିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇ କୃଷକଙ୍କୁ ପ୍ରଯୁକ୍ତିଭିତ୍ତିକ ସେବା ସୁନିଶ୍ଚିତ କରିବା, ପାଣିପାଗ ଓ ବର୍ଷା ପରିମାପ ବ୍ୟବସ୍ଥା ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟକୁ ତ୍ୱରାନ୍ୱିତ କରିବା, ସାରର କଳାବଜାରୀ ଓ ଅନିୟମିତତା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରଖି, ଏଗ୍ରିଷ୍ଟାକ ଅଧିନରେ କୃଷକ ପଞ୍ଜୀକରଣକୁ ମିଶନ ମୋଡ୍ ରେ ଆଗେଇ ନେବା ।

# ସାଧାରଣ ଲୋକଙ୍କ ପ୍ରେରଣାର ଉତ୍ସ ସାଜିଛି 'ମନ୍ କି ବାତ'




**ଭୁବନେଶ୍ୱର,୨୨।୭ (ମହାଭାରତ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଦେଶବାସୀଙ୍କ ହୃଦୟକୁ ଛୁଇଁ ପାରିଛି । ଦେଶବାସୀଙ୍କ ସହ ସିଧାସଳଖ ଯୋଡ଼ି ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ୨୦୧୪ ଅକ୍ଟୋବର ୩ରେ ଏକ ଐତିହାସିକ ପ୍ରୟାସ ଆରମ୍ଭ କରିଥିଲେ । ବିଶ୍ୱର ଏକମାତ୍ର ରାଷ୍ଟ୍ର ମୁଖ୍ୟଭାବେ ନିରବଚ୍ଛିନ୍ନ ଭାବେ ଗତ ୧୨ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମର ସେ ୧୩୫ଟି ସଂସ୍କରଣ ଶେଷ କରିଛନ୍ତି । ପ୍ରତି ମାସର ଶେଷ ରବିବାର ପୂର୍ବାହ୍ନ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ରେଡିଓ, ଦୂରଦର୍ଶନ ଜରିଆରେ କଥା ହୋଇଥାନ୍ତି । ଚଳିତ ମାସ ଜୁଲାଇ ୨୬ ତାରିଖରେ ୧୩୬ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ମୋଦିଜୀ ଦେଶବାସୀଙ୍କୁ ସମ୍ବୋଧିତ କରିବେ । ସାଧାରଣ ଲୋକଙ୍କ ପ୍ରେରଣାର ଉତ୍ସ ହୋଇଥିବା ଏହି 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆଜି ଆନ୍ଦୋଳନରେ ପରିଣତ ହୋଇଛି । 'ମନ୍ କି ବାତ୍' ଦେଶବାସୀଙ୍କ ଠାରୁ ଆରମ୍ଭ କରି ପ୍ରବାସୀ ଭାରତୀୟ ତଥା ସମଗ୍ର ବିଶ୍ୱବାସୀଙ୍କ ଦ୍ୱାରା ଆଦୃତ ହେବା ସହ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ସର୍ବସମାବେଶୀ ହୋଇପାରିଛି । ଏହି କାର୍ଯ୍ୟକ୍ରମ ସବୁ ବିଷୟ ଉପରେ ପର୍ଯ୍ୟବେଶିତ ଯାହା ମାଧ୍ୟମରେ ମୋଦିଜୀ ତଳସ୍ତରରେ ଅସାଧାରଣ କାମ କରୁଥିବା ବ୍ୟକ୍ତି ବିଶେଷ ତଥା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିଥାନ୍ତି । କେବଳ ସେତିକି ନୁହେଁ, ମୋଦିଜୀ ସାମାଜିକ ସମସ୍ୟା ସମ୍ପର୍କରେ ବି ଚର୍ଚ୍ଚା ଆଲୋଚନା କରିବା ସହ ସାରା ଦେଶକୁ ସାଙ୍ଗରେ ନେଇ ଚାଲିବାକୁ ପ୍ରୋତ୍ସାହିତ କରିଥାନ୍ତି । ଏହି ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ସାଧାରଣ ଲୋକଙ୍କ କୃତୀତ୍ୱକୁ ମୋଦିଜୀ ବହୁବାର ଦେଶର ୧୪୦ କୋଟି ଜନତାଙ୍କ ସମ୍ମୁଖକୁ ଆଣି ଓଡ଼ିଶାବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି । ଏହି ଲୋକପ୍ରିୟ କାର୍ଯ୍ୟକ୍ରମ ରାଜ୍ୟର ଘରେ ଘରେ ପଂହଚାଇବାକୁ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ମନ୍ କି ବାତ୍ ରାଜ୍ୟସ୍ତରୀୟ କର୍ମଶାଳା'ରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, କନ୍ଧମାଳ ସାଂସଦ ତଥା 'ମନ୍ କି ବାତ୍' କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ସୁକାନ୍ତ ପାଣିଗ୍ରାହୀ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ, କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ, ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ, ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସୀମାଂଚଳ ଖଟେଇ, ରାଜ୍ୟ ସମ୍ପାଦିକା ଶ୍ରୀମତୀ ମମତା ସିଂ, ରାଜ୍ୟ ମୁଖପାତ୍ର ଶ୍ରୀ ତେଜେଶ୍ୱର ପରିଡା, ବରିଷ୍ଠ ନେତା ଶ୍ରୀ ଠାକୁର ରଞ୍ଜିତ ଦାସଙ୍କ ସମେତ ସମସ୍ତ ଜିଲ୍ଲା ଏବଂ ନିର୍ବାଚନମଣ୍ଡଳୀର 'ମନ୍ କି ବାତ୍' ସଂଯୋଜକମାନେ ଯୋଗଦେଇଥିଲେ ।

# ଭୁବନେଶ୍ୱରରେ ବାମପନ୍ଥୀ ଦଳର ଗଣବିକ୍ଷୋଭ

**ଭୁବନେଶ୍ୱର,୨୨।୭ (ମହାଭାରତ):** ଦିଲ୍ଲୀର ଜନ୍ତର ମନ୍ତରରେ ଚାଲିଥିବା ସର୍ବଭାରତୀୟ ଛାତ୍ର ଆନ୍ଦୋଳନ ଏବଂ ସୋନମ ୱାଙ୍ଗଚୁକଙ୍କ ଅନଶନ ପ୍ରତି ସଂହତି ଜଣାଇ ସୋମବାର ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ସି.ପି.ଆଇ., ସି.ପି.ଆଇ.(ଏମ୍), ସି.ପି.ଆଇ.(ଏମ୍-ଏଲ୍) ଲିବରେସନ ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ପକ୍ଷରୁ ଏକ ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ବକ୍ତାମାନେ କହିଥିଲେ ଯେ, ଦେଶର ଶିକ୍ଷା ବ୍ୟବସ୍ଥା ଆଜି ଗଭୀର ସଙ୍କଟ ମଧ୍ୟରେ ରହିଛି। ନିଟ୍ ସମେତ ବିଭିନ୍ନ ଜାତୀୟ ପ୍ରବେଶିକା ପରୀକ୍ଷାରେ ଲଗାତାର ଅନିୟମିତତା, ଏନ୍.ଟି.ଏ.ର ଚରମ ବିଫଳତା ଏବଂ ଶିକ୍ଷାର ବାଣିଜ୍ୟିକୀକରଣ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନିଶ୍ଚିତ କରିଦେଇଛି। ବିକ୍ଷୋଭରେ ଦିଲ୍ଲୀରେ ଛାତ୍ରମାନଙ୍କ ଗଣତାନ୍ତ୍ରିକ ଆନ୍ଦୋଳନକୁ ପୁଲିସ ବଳ ପ୍ରୟୋଗ କରି ଦମନ କରିବାର ଉଦ୍ୟମକୁ ତୀବ୍ର ନିନ୍ଦା କରାଯାଇଥିଲା। ଗଣତାନ୍ତ୍ରିକ ଅଧିକାର ପ୍ରୟୋଗ କରି ନିଜ ଦାବି ଉପସ୍ଥାପନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଦମନମୂଳକ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ସରକାର ସେମାନଙ୍କ ଯଥାର୍ଥ ଦାବିଗୁଡ଼ିକର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ଉଚିତ୍ ବୋଲି ବକ୍ତାମାନେ ଦାବି କରିଥିଲେ।

ଚାରି ବାମପନ୍ଥୀ ଦଳ ଦାବି କରିଛନ୍ତି ଯେ, ଭାରତର ଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଅରାଜକତା ପାଇଁ ନୈତିକ ଦାୟିତ୍ୱ ଗ୍ରହଣ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦିଅନ୍ତୁ। ଏନ୍.ଟି.ଏ.କୁ ବିଲୋପ କରାଯାଇ ନିଟ୍ ସମେତ ସମସ୍ତ ଜାତୀୟ ପ୍ରବେଶିକା ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଓ ଜବାବଦେହିତା ସୁନିଶ୍ଚିତ କରାଯାଉ। ଏନ୍.ଟି.ଏ. ର ବିଫଳତାର ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଛାତ୍ରବିରୋଧୀ ଜାତୀୟ ଶିକ୍ଷାନୀତି- ୨୦୨୦କୁ ପ୍ରତ୍ୟାହାର କରାଯାଉ। ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଓ ସଂସ୍ଥାଗତ ମୃତ୍ୟୁ ପାଇଁ ଦାୟୀ ସମସ୍ତଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯାଉ। ଶିକ୍ଷାର ବାଣିଜ୍ୟିକୀକରଣ ବନ୍ଦ କରି ସମସ୍ତଙ୍କ ପାଇଁ ସମାନ, ଗୁଣାତ୍ମକ, ବୈଜ୍ଞାନିକ ଓ ସୁଲଭ ଶିକ୍ଷା ସୁନିଶ୍ଚିତ କରିବା ସହ ଛାତ୍ରଛାତ୍ରୀଙ୍କ ମାନସିକ ସୁରକ୍ଷା, ମର୍ଯ୍ୟାଦା ଓ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ।

# ଜଟଣୀ ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୨୨।୭ (ମହାଭାରତ):** ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରତ୍ୟକ୍ଷ ମିଳିତ ଅଭିଯୋଗ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି ।ଖୋରଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧୀ ପ୍ରମୁଖ ଉପସ୍ଥିତ ଥିଲେ । ଜନଶୁଣାଣିକୁ ଆସିଥିବା ଜନସାଧାରଣମାନଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଓ ଆଜି ମୋଟ ୩୮ଟି ଆପତି ଅଭିଯୋଗ ଦାଖଲ ହୋଇଥିଲା ଓ ସେଥି ମଧ୍ୟରୁ ୧୮ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୦ଟି ଗୋଷ୍ଠୀଗତ ଅଭିଯୋଗ ଥିଲା । ସେଥି ମଧ୍ୟରୁ ୬ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା । ଦୁଇ ଜଣଙ୍କ ଆବେଦନକୁ ବିଚାରକୁ ନିଆଯାଇ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୩୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।ଏତଦବ୍ୟତୀତ ସମସ୍ତ ଅଭିଯୋଗଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀମାନେ ଗୁରୁତ୍ୱରୋପ କରିଥିଲେ। ଶୁଣାଣି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜଟଣୀ ବିଡିଓ, ତହସିଲଦାର, ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାନ୍ତ କଲେକ୍ଟର ଭୁବନେଶ୍ୱରୀ କହଁର, ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶାର ବିଭିନ୍ନ ପ୍ରସଙ୍ଗରେ ସଂସଦରେ ଦାବି ଉପସ୍ଥାପନ କରିବ ବିଜେଡି

**ଭୁବନେଶ୍ୱର,୨୨।୭ (ମହାଭାରତ):** ସଂସଦରେ ଜୁଲାଇ ୨୦ରୁ ମୌସୁମୀକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏନେଇ ଦିଲ୍ଲୀରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ତଥା ରାଜ୍ୟସଭା ସାଂସଦ ଶ୍ରୀ ମାନସ ମଙ୍ଗରାଜ ଯୋଗଦାନ କରିଛନ୍ତି। ଏହାସହିତ ବିଜୁ ଜନତା ଦଳର ସଂସଦରେ କାର୍ଯ୍ୟକାରିତା ନେଇ ମତପ୍ରକାଶ କରିଛନ୍ତି।

ସାଂସଦ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ, ଦିଲ୍ଲୀରେ ଆୟୋଜିତ ସର୍ବଦଳୀୟ ବୈଠକରେ ବିଜେଡି ପକ୍ଷରୁ ଯୋଗଦାନ କରି ବିଶେଷ ଦାବି ଉପସ୍ଥାପନ ନେଇ ଆଲୋଚନା କରାଯାଇଛି। ଦକ୍ଷିଣ ଏସିଆରେ ବର୍ତ୍ତମାନ ଜାରି ଥିବା ଯୁଦ୍ଧ ପରିସ୍ଥିତି, ଅହେତୁକ ଦରଦାମ ବୃଦ୍ଧି, ପେଟ୍ରୋଲରେ ଇଥାନାଲ ମିଶାଇବା ଦ୍ୱାରା ଗାଡି ମୋଟରରେ ସୃଷ୍ଟି ହୋଇଥିବା ସମସ୍ୟା ବାବଦରେ ଦାବି ଉପସ୍ଥାପନ ନେଇ ଆଲୋଚନା କରିଥିଲେ। ଏହାସହିତ ଓଡ଼ିଶାର ମାଳ ମାଳ ସମସ୍ୟା ପ୍ରସଙ୍ଗ ନେଇ ସଂସଦରେ କେନ୍ଦ୍ର ସରକାରଙ୍କୁ ବିଜେଡି ପକ୍ଷରୁ ପ୍ରଶ୍ନ ଉପସ୍ଥାପନ କରାଯିବ ବୋଲି କହିଛନ୍ତି। ଦୁଇ ବର୍ଷର ରାଜ୍ୟ ସରକାରଙ୍କ ବିଫଳତାକୁ ମୌସୁମୀ ଅଧିବେଶନରେ ମୁଖ୍ୟ ପ୍ରସଙ୍ଗ କରିବେ। ରାଜ୍ୟରେ ନୂତନ ଶିକ୍ଷା ନୀତି ଲାଗୁ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ପ୍ରକାଶ ପାଇଛି। ଯେଉଁଥିରେ କି ମାଳ ମାଳ ତ୍ରୁଟି ରହିଛି। ଯାହାକି ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଛି। ଉକ୍ତ ତ୍ରୁଟି ଯୋଗୁଁ ରାଜ୍ୟର ୪୦ଲକ୍ଷର ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ଗମ୍ଭୀର ପ୍ରସଙ୍ଗକୁ ରାଜ୍ୟ ସରକାର ଅତି ହାଲୁକା ଭାବେ ନେଉଛନ୍ତି। ଯାହାକୁ ରାଜ୍ୟସଭାରେ ବିଜେଡି ପକ୍ଷରୁ ଆଲୋଚନା କରିବା ନେଇ ଉପସ୍ଥାପନ କରାଯାଇଛି। ଓଡ଼ିଶାରୁ ସର୍ବାଧିକ ପରିମାଣର



କୋଇଲା ଉତ୍ତୋଳନ ହେଉଥିବା ବେଳେ କୋଇଲା ରପ୍ତାନୀ ରାଜସ୍ୱ (ରୟାଲଟି)ରୁ ଓଡ଼ିଶା ବଞ୍ଚିତ ହେଉଛି। ଏହାସହିତ ଓଡ଼ିଶାରେ ଜାରି ଥିବା ବ୍ୟାପକ କୃଷକ ଅସାମଞ୍ଜସ୍ୟ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ସଂସଦରେ ସ୍ୱତନ୍ତ୍ର ଆଲୋଚନା ନେଇ ଦାବି କରିଥିଲେ। ସାଂସଦ ମାନଙ୍କ ହାତ ପାଣ୍ଠିକୁ ୫କୋଟିରୁ ବୃଦ୍ଧି କରିବା ନେଇ ସାଂସଦ ମାନେ ଦାବି ଉପସ୍ଥାପନ କରିଥିବା ବେଳେ ବର୍ତ୍ତମାନର ୫କୋଟି ହାତ ପାଣ୍ଠିର ସଠିକ୍ ଭାବେ ବିନିଯୋଗ କରିବା ନେଇ ସାଂସଦ ଶ୍ରୀ ମଙ୍ଗରାଜ ଆଲୋଚନା ନେଇ ଉପସ୍ଥାପନ କରିଛନ୍ତି। ଓଡିଶାରେ ବିଜେପି ସରକାର ଉକ୍ତ ପାଣ୍ଠିକୁ ସଠିକ୍ ଭାବରେ ବିନିଯୋଗ କରିବାରେ ବାଧା ସୃଷ୍ଟି କରୁଛନ୍ତି। ସାଂସଦ ମାନଙ୍କ ୫କୋଟି ଟଙ୍କାର ହାତ ପାଣ୍ଠିର ବିନିଯୋଗ କରିବାରେ ଓଡିଶାର ବିଜେପି ସରକାର ରୋକ ଲଗାଉଛନ୍ତି। ସାଂସଦ ମାନଙ୍କ ହାତ ପାଣ୍ଠିରେ ଉନ୍ନୟନମୂଳକ କାର୍ଯ୍ୟ କରିବାରେ ବିଜେପି ସରକାର ବାଧା ସୃଷ୍ଟି କରୁଛନ୍ତି। ସାଂସଦ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ, ଗତ ୨୦୨୪ ମସିହାରୁ ଓଡ଼ିଶାରେ ସାଂସଦ ପାଣ୍ଠି ଖର୍ଚ୍ଚ କରିବାରେ ରାଜ୍ୟ ସରକାର ଅନେକ ବାଧା ସୃଷ୍ଟି ହେଉଛି। ରାଜ୍ୟ ସରକାର ବିକାଶମୂଳକ କାର୍ଯ୍ୟ କରିବାକୁ ଦେଉନାହାନ୍ତି। ସେ ଚିଲିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ହାତ ପାଣ୍ଠିରୁ ଟଙ୍କା ଦେଉଥିବା ବେଳେ ତାହାର ସଠିକ୍ ଭାବେ ବିନିଯୋଗ ହେଉନାହିଁ। ସାଂସଦ ହାତ ପାଣ୍ଠିରୁ ଟଙ୍କା ଖର୍ଚ୍ଚ ହେବ କିନ୍ତୁ ମନ୍ତ୍ରୀଙ୍କ ନାମରେ ଫଳକ ଉନ୍ମୋଚନ ହେବ। ଓଡ଼ିଶାର ବିଜେପି ସରକାର ଜାଣିଶୁଣି ବିଜେଡ଼ିର ସାଂସଦ ମାନଙ୍କ ହାତ ପାଣ୍ଠିକୁ ଖର୍ଚ୍ଚ କରିବାକୁ ଦେଉନଥିବାର ମସୁଧା ଚଳାଇଛନ୍ତି। ରାଜ୍ୟ ସରକାର ନିର୍ଦ୍ଦେଶକ୍ରମେ ଅଧିକାରୀ ମାନେ ବିଜେଡି ସାଂସଦ ମାନଙ୍କ ହାତ ପାଣ୍ଠିକୁ ଖର୍ଚ୍ଚ କରିବାକୁ ନଦେଇ ତାହାକୁ ଗତ ଦୁଇ ବର୍ଷ ଧରି ପକାଇ ରଖିଛନ୍ତି। ଯାହା ଫଳରେ ବିଜେଡି ସାଂସଦ ମାନେ ଚାହିଁଲେ ମଧ୍ୟ ନିଜ ହାତ ପାଣ୍ଠିକୁ ବିନିଯୋଗ କରିପାରୁ ନାହାଁନ୍ତି।

## ବିଜେପି ମୁହାଁ ବିଜେଡ଼ି ନେତା

ପ୍ରଭାତ ବିଶ୍ୱାଳ ଆଉ ବିଜେଡିରେ ନଥିଲେ। ତାଙ୍କ ପୁଅ ସୌଭିକ ବିଶ୍ୱାଳ ଯିଏ କି ବିଜେଡି ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ସେ ବିଜେଡିରୁ ସସପେଣ୍ଡ ହୋଇଛନ୍ତି। ଗତ ରାଜ୍ୟସଭା ନିର୍ବାଚନରେ ସେ ବିଜେଡି ପ୍ରାର୍ଥୀଙ୍କ ପରିବର୍ତ୍ତେ ବିଜେପି ଓ ଏହାର ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେଇଥିଲେ। ପ୍ରଭାତ ବିଶ୍ୱାଳ ବିଜେପିରେ ଯୋଗ ଦେବା ପରେ ସୌଭିକ ବିଶ୍ୱାଳ କହିଛନ୍ତି ଯେ, ପୁଅ ହିସାବରେ ସେ ବାପାଙ୍କ କଥା ବା ପରାମର୍ଶ ମାନିବେ ଏବଂ ତାଙ୍କ ପଦାଙ୍କ ଅନୁସରଣ କରିବେ। ପ୍ରଭାତ ବିଶ୍ୱାଳ ଯେଉଁଦିନ ବିଜେପିରେ ମିଶିଲେ ତା ପୂର୍ବଦିନ ସୌଭିକ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇଥିଲେ ଏବଂ ପ୍ରଭାତ ତା ପରଦିନ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଉଛନ୍ତି ବୋଲି ସ୍ପଷ୍ଟ ହୋଇଯାଇଥିଲା। ବିଜେପିରେ ସାମିଲ ହେବା ପରେ ଦେବାଶୀଷ କହିଥିଲେ ଯେ, ସେ ଏନଡିଏକୁ ଫେରିଛନ୍ତି ଏବଂ ଏହାକୁ ତାଙ୍କର ଘରବାହୁଡ଼ା ବୋଲି କହିଲେ ଭୁଲ ହେବ ନାହିଁ। ଅର୍ଥାତ ଦେବାଶୀଷ ଏବେ ବି ବିଜେପିରେ ସାମିଲ ହେବାଟାକୁ ଭଲଭାବେ କହିବାକୁ ସାହସ ଜୁଟାଇପାରୁନାହାଁନ୍ତି। କଂଗ୍ରେସ ପରିବାରରୁ ଆସିଥିବା ଦେବାଶୀଷ ବାବୁ ବିଜୁ ପଟ୍ଟନାୟକ ଓ ପରେ ନବୀନ ବାବୁଙ୍କ ସହଯୋଗୀ ଭାବେ ରାଜନୀତିରେ ସକ୍ରିୟ ଥିଲେ। ବିଜେପିକୁ ସେ ସମାଲୋଚନାର କୌଣସି ସୁଯୋଗ ହାତଛଡ଼ା କରି ନାହାଁନ୍ତି। ଏବେ ସେ ବିଜେପିରେ ସାମିଲ ହେଉଥିବା କଥାଟିକୁ କହିବାକୁ ତଳକୁ ମୁହଁ କରୁଛନ୍ତି। ପ୍ରଭାବତ ରଞ୍ଜନ ବିଶ୍ୱାଳ ମଧ୍ୟ ବିଜେଡି ପ୍ରତିଷ୍ଠାରୁ ଆଜି ପର୍ଯ୍ୟନ୍ତ ନବୀନ ବାବୁଙ୍କ ସହ ରହିଥିଲେ। ଚିଟ ଫଣ୍ଡ କେଲେଙ୍କାରୀରେ ସେ ଗିରଫ ହୋଇ ଜେଲ ଯାଇଥିବା ବେଳେ ବିଜେଡି ତାଙ୍କ ପଛରେ ଥିଲା ଏବଂ ବିଜେପି ତାଙ୍କୁ ସମାଲୋଚନା କରିଥିଲା। ଏବେ ସେ ସେହି ବିଜେପି ଶିବୀରରେ ସାମିଲ ହୋଇଛନ୍ତି ଯେଉଁ ଦଳ ଦିନେ ତାଙ୍କ ଇସ୍ତଫା ଏବଂ ଗିରଫ ଦାବି କରିଥିଲା। ତାଙ୍କୁ ଚିଟଫଣ୍ଡ ଚୋର ବୋଲି କହିଥିଲା। ପ୍ରଭାତ ନିର୍ବାଚନ ରାଜନୀତିରୁ ଓହରିଯିବା ପରେ ତାଙ୍କ ପୁଅ ସୌଭିକ ବିଶ୍ୱାଳଙ୍କୁ ବିଜେଡି ଟିକେଟ ଦେବାରେ ସହାୟତା କରିଥିଲେ। ଏବେ ସୌଭିକ ବିଧାୟକ ହୋଇ ନବୀନ ବାବୁଙ୍କ ପିଠିରେ ଛୁରା ଭୁଶିଛନ୍ତି। ରାଜ୍ୟସଭା ନିର୍ବାଚନରେ ସେ ବିଜେଡି ବିରୋଧରେ କାର୍ଯ୍ୟ କରିଛନ୍ତି। ଉଭୟ ବାପ-ପୁଅ ନବୀନଙ୍କ ଆଶୀର୍ବାଦ ଏବଂ ସମର୍ଥନରେ ବିଧାୟକ ହେଲେ। ପ୍ରଭାତଙ୍କ ପତ୍ନୀ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହେଲେ। ଆଉ ସେମାନେ ନବୀନ ବାବୁଙ୍କଠାରୁ କ'ଣ ଆଶା କରୁଥିଲେ ? ଏବେ ନବୀନ ବାବୁ ସେମାନଙ୍କ ପାଇଁ ଖରାପ ହୋଇଗଲେ। ଏହାକୁ କହନ୍ତି ସୁବିଧାବାଦ ରାଜନୀତି। ପ୍ରଭାତ ବିଶ୍ୱାଳଙ୍କ ପରେ ଆଉ ଜଣେ ପ୍ରଭାତ ଶୀଘ୍ର ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହେଉଛନ୍ତି। ସେ ହେଲେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ। ତାଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀ ଏବେ ବାଙ୍କୀ ବିଧାୟକ ଅଛନ୍ତି। ସେ ମଧ୍ୟ ସୌଭିକଙ୍କ ଭଳି ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିଲେ ଏବଂ ଦଳରୁ ବିଦା ହୋଇଥିଲେ। ଦୁଇ ପ୍ରଭାତ ନିଜ ବକ୍ତବ୍ୟରେ ବିଜେଡି ବିରୋଧରେ ବର୍ଷିଛନ୍ତି। ନବୀନ ବାବୁଙ୍କ ନେତୃତ୍ୱକୁ ସେମାନେ ସମାଲୋଚନା କରିଛନ୍ତି। ନବୀନଙ୍କ ନେତୃତ୍ୱ ଏବଂ ଲୋକପ୍ରିୟତା ପ୍ରତି ସେମାନଙ୍କର ସମ୍ଭବତଃ ଆଉ ବିଶ୍ୱାସ ନାହିଁ। ୨୦୨୯ରେ ସମ୍ଭବତଃ ନବୀନଙ୍କ ନେତୃତ୍ୱରେ ବିଜେଡି ଆଉ ତିଷ୍ଠିବ ନାହିଁ ବୋଲି ସେମାନେ ଭାବୁଛନ୍ତି। ଉଭୟ ପ୍ରଭାତ ଓ ଦେବାଶୀଷଙ୍କ ଆକଳନ ଭୁଲ ହୋଇପାରେ। ୨୦୨୯ର ବହୁ ପୂର୍ବରୁ ସତ କ'ଣ ସେହି ସଙ୍କେତ ମିଳିଯିବ ବୋଲି ଆଶା।

## ସାଧୁ - ସର୍ବ ଭୂତ ହିତେ ରତଃ


"
;ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ।



॥ ହେମନ୍ତ କୁମାର ପରିଡ଼ା ॥


ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। 'ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୂରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ଜୋଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଷାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ - 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଲ ଚିଦ୍ରନ ପାବା।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧ୍ୟରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଲମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜୁନ ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିର୍ବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମ ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ଥ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ଥ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ ଗୃହସ୍ଥ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭସ୍ମ ବିଲେପିତ ଧୂଳିଧୂଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।


ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬


## ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ


॥ ଗୋପାଳ ମହାପାତ୍ର ॥


ଏବେ ଶୀତରତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଚିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ଼ ନୁହେଁ। ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪


## ମହାତ୍ମାଙ୍କ ଶେଷ ଦିନ ଓ ପରମପିତା


॥ ଉମେଶ ଚନ୍ଦ୍ର ପାତ୍ର ॥


ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର 'ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା। ରସୁଲ୍ଙ୍କ ପାଖରେ ଆଲି, ଓମର, ଓସ୍ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଆଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - " "ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।


ସହ-ପ୍ରତିରତ୍ୱିକ ଓ ପ୍ର'ସେର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଫୁଲନଖରା–ନିଆଳୀ ରାସ୍ତାରେ ଖାଲ ଯୋଗୁଁ ଓଲଟିଲା ମାଲ୍ ବୋଝେଇ ଗାଡ଼ି

ବାରଙ୍ଗ (ମହାଭାରତ): ଫୁଲନଖରା–ନିଆଳୀ ୬୦ ନଂ ରାଜ୍ୟ ରାଜପଥ ପଞ୍ଚବଟୀ ସାଇ ମନ୍ଦିର ସମ୍ମୁଖରେ ଦୀର୍ଘ ଦିନ ଧରି ରାସ୍ତା ଶୋଚନୀୟ ଅବସ୍ଥାରେ ପଡ଼ିରହିଛି ।ଲଗାଣ ବର୍ଷା ଯୋଗୁଁ ଫୁଲନଖରା–ନିଆଳୀ ୬୦ ନମ୍ବର ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ରାସ୍ତା ଶୋଚନୀୟ ଅବସ୍ଥାକୁ ପହଞ୍ଚିଛି । ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ଓ ଜମି ରହିଥିବା ବର୍ଷା ପାଣି ଯୋଗୁଁ ଗତ କାଲି ସନ୍ଧ୍ୟାରେ ଏହି ଖାଲ ଥିବା ସ୍ଥାନ ଜାଣି ନ ପାରି ଏକ ମାଲ୍ ବୋଝେଇ ଟାଟା ଏସି ଗାଡ଼ି ଜଗତପୁରରୁ ଓଲଟପୁର ଯାଉଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ କ୍ଷୋଭ ସୃଷ୍ଟି କରିଛି । କିଛି ଦିନ ହେବ ଫୁଲନଖରା–ନିଆଳୀ ରାଜ୍ୟ ରାଜପଥ ର ବିଭିନ୍ନ ସ୍ଥାନରେ ରାସ୍ତା ଖରାପ ବିଷୟ ଗଣ ମାଧ୍ୟମରେ ପ୍ରକାଶ ପାଉଛି । ପ୍ରବଳ ବର୍ଷା ଯୋଗୁଁ ଗାତ ଗୁଡ଼ିକ ପାଣି ପୂର୍ଣ୍ଣ ହୋଇଯିବାରୁ ଏହି ରାସ୍ତା ଜଣା ନ ପଡ଼ିବାରୁ ଏବେ ଯାତ୍ରୀଙ୍କ ପାଇଁ ସିଧାସଳଖ ମରଣଯନ୍ତା ପାଲଟିଛି । ଏହି ରାଜପଥ ବିଶେଷ କରି ଫୁଲନଖରା ଛକ, ତ୍ରିନାଥ ବଜାର, ପଞ୍ଚବଟୀ ବଜାର, ବ୍ରାହ୍ମଣ ଝରିଲୋ ବଜାର, କୁରାଙ୍ଗ ବଜାର, ନଡିଆଗୁରୁଡି ବଜାର ଓ ବଡଝରିଲୋ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ହଜାର ହଜାର ଲୋକଙ୍କ ପାଇଁ ପ୍ରମୁଖ ସଂଯୋଗ ସଡ଼କ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ଏହାର ମରାମତି ହୋଇନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛିବ। ଏପଟେ ଏହି ରାସ୍ତାକୁ ଚାରି ଲେନ୍ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ହୋଇଥିଲେ ମଧ୍ୟ ଏହି ରାସ୍ତା କାମ ଆରମ୍ଭରେ ଅସ୍ୱାଭାବିକ ବିଳମ୍ବ ଘଟୁଛି । ଫଳରେ ପ୍ରତିଦିନ ହଜାର ହଜାର ଲୋକ ଜୀବନକୁ ବାଜି ଲଗାଇ ଏହି ରାସ୍ତାରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି । ପ୍ରଶ୍ନ ଉଠୁଛି ଆଉ କେତେ ଦୁର୍ଘଟଣା ପରେ ରାସ୍ତାର ମରାମତି କାମ ଆରମ୍ଭ ହେବ ଓ ଚାରି ଲାଇନ୍ ରାସ୍ତା କାର୍ଯ୍ୟ ଆରମ୍ଭ ହେବ ? ସ୍ଥାନୀୟ ଅଞ୍ଚଳବାସୀ ତୁରନ୍ତ ରାସ୍ତାର ଜରୁରୀ ମରାମତି ଓ ଚାରି ଲେନ୍ ପ୍ରକଳ୍ପର କାମ ଶୀଘ୍ର ଆରମ୍ଭ କରିବାକୁ ଦାବି କରିଛନ୍ତି । ନଚେତ୍ ଏହି ରାସ୍ତାରେ ଘଟୁଥିବା ପ୍ରତ୍ୟେକ ଦୁର୍ଘଟଣା ପାଇଁ ସମ୍ପୃକ୍ତ ବିଭାଗର ଅବହେଳା ହିଁ ଦାୟୀ ବୋଲି ଜନସାଧାରଣ ମତ ପ୍ରକାଶ କରୁଛନ୍ତି ।

# ପୋଷାକ ବଣ୍ଟନରେ ଅନିୟମିତତା

ଧାମନଗର, (ମହାଭାରତ) : ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନରେ ମହିଳା ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିସହ ରାଜ୍ୟରେ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ମହିଳା ମାନଙ୍କୁ 'ଲକ୍ଷପତି ଦିଦି' ଓ 'ମହାଲକ୍ଷପତି ଦିଦି' ସୃଷ୍ଟି କରିବା ନେଇ ବିଭିନ୍ନ ଖସଡ଼ା ପ୍ରସ୍ତୁତ କରାଯାଉଛି । ଏହାସହ ମହିଳା ଉଦ୍ୟୋଗୀମାନଙ୍କୁ ଆଧୁନିକ ବ୍ୟବସାୟିକ କୌଶଳରେ ସଶକ୍ତ କରି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦିଆଯାଉଛି । ହେଲେ ଧାମନଗର ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ନିଯୁକ୍ତ ମହିଳା ମିଶନ ଶକ୍ତି ଏମବିକେ, ବ୍ୟାଙ୍କ ମିତ୍ର ଓ ସିଆରପି ଆଦି କର୍ମଚାରୀ ମାନଙ୍କୁ ୟୁନିଫର୍ମ ଯୋଗାଣରେ ରେ ଅନିୟମିତତା ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି ।ସୂଚନା ଯୋଗ୍ୟ ଯେ ବ୍ଲକରେ ଏମବିକେ ୩୦, ବ୍ୟାଙ୍କ ମିତ୍ର ୧୬ ଓ ସିଆରପି ପ୍ରାୟ ୩୭୦ ନିଯୁକ୍ତ ଅଛନ୍ତି ବୋଲି ଜଣାପଡିଛି । ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରତ୍ୟେକ କର୍ମଚାରୀଙ୍କୁ ୟୁନିଫର୍ମ ବାବଦକୁ




ପ୍ରତ୍ୟେକ ୧ ହଜାର ଟଙ୍କା ସିଧାସଳଖ ବ୍ୟକ୍ତିଗତ ବ୍ୟାଙ୍କ ଏକାଉଣ୍ଟ୍ ଦିଆଯାଇଛି ।ଏହି ଏକ ହଜାର ଟଙ୍କା ରେ ସେମାନେ ନିଜ ମନଇଛାରେ ଯେକୌଣସି ସ୍ଥାନରୁ କିଣିବେ ବୋଲି ନିର୍ଦ୍ଦେଶ ରହିଛି । କିନ୍ତୁ ଧାମନଗର ବ୍ଲକରେ ଚଳିତ ବର୍ଷ ଉକ୍ତ ମହିଳା କର୍ମଚାରୀଙ୍କୁ ମିଳିଥିବା ଟଙ୍କାରେ ଏକ ନିର୍ଦ୍ଦିଷ୍ଟ ଏଜେନ୍ସୀ ନିକଟରୁ କିଣିବାକୁ ବ୍ଲକ ବିପିଶି ଓ ବିପିଏମ ବାଧ୍ୟ କରୁଛନ୍ତି ବୋଲି କିଛି ଏମ ବି କେ, ସି ଆର ପି ନିଜ ନାମ ଗୋପନରେ ରଖି କହିବା ସହ ନାମ ପ୍ରକାଶ କଲେ ଆମ ଚାକିରି ପ୍ରତି ବିପଦ ରହିଛି ବୋଲି କହିଥିଲେ ।ଉକ୍ତ ଏଜେନ୍ସି ଠାରୁ ନିମ୍ନ ମାନର ୟୁନିଫର୍ମ ସହ ଦୁଇଟି କିଣିବାକୁ ମଧ୍ୟ ବାଧ୍ୟ କରାଯାଉଛି । ଏହା ପୂର୍ବରୁ ୟୁନିଫର୍ମ ବାବଦକୁ ଜିପିଏଲ୍ଏଫ୍ ଏକାଉଣ୍ଟ୍ କୁ ଟଙ୍କା ଆସୁଥିଲା, ସେଥିରୁ ନିଜ ନିଷ୍ପତି ଅନୁଯାୟୀ କିଣା ଯାଉଥିଲା । ସେହିପରି ନିଜ ନା ଗୋପନ ରଖି ଅନ୍ୟଜଣେ କର୍ମଚାରୀ କହିଛନ୍ତି ବନ୍ତ କାଦବରାଙ୍ଗ ଅଞ୍ଚଳର ଗୋଟେ ଏଜେଂସି ୟୁନିଫର୍ମ ଦେବ, ସମସ୍ତେ ମିଶନ ଶକ୍ତି ଅଫିସ କୁ ଆସି ନେଇଯିବ । ବିଶେଷ କରି ବିପିସି ଓ ବିପିଏମ ଏଠାରୁ ନେବାକୁ ବାଧ୍ୟ କରିଥିଲେ । ଯାହାକି ଇଚ୍ଛା ନଥିଲେ ବି ସମସ୍ତେ ଏକ ହଜାର ଟଙ୍କା ଦେଇ ଦୁଇଟି ୟୁନିଫର୍ମ ନେଉଛନ୍ତି ଏବଂ ଯେଉଁ ୟୁନିଫର୍ମ ଦେଉଛନ୍ତି ଅତ୍ୟନ୍ତ ନିମ୍ନମାନର ସିନ୍ଥେଟିକ ମେଟେରିଆଲ୍ ଅଟେ । ଅଭିଯୋଗ କୁ ନେଇ ମଙ୍ଗଳବାର ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ରେ ଉଭୟ ବିପିଏମ ମିନତି ସାମଲ ଏବଂ ବିପିସି ସୁବ୍ରତ ନାୟକ ଉପସ୍ଥିତ ରହି ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ମିଶନ ଶକ୍ତି ମହିଳା କର୍ମଚାରୀ ମାନଙ୍କୁ ୧ ହଜାର ଟଙ୍କା ନେଇ ଦୁଇଟି ୟୁନିଫର୍ମ ଦେଉଥିବା ନେଇ ଦେଖିବାକୁ ମିଳିଥିଲା । ଏ ସଂକ୍ରାନ୍ତରେ ବିପିସି ଶ୍ରୀ ନାୟକ କହିଛନ୍ତି ୟୁନିଫର୍ମ ବଣ୍ଟନରେ ଆମ୍ଭର କୌଣଷି ଭୂମିକା ନାହିଁ, ସେମାନେ ବନ୍ତ କାଦବରାଙ୍ଗ ଅଞ୍ଚଳର ଅନ୍ନପୂର୍ଣ୍ଣା ଟେକ୍ସଟାଇଲ ସହ କଥାବାର୍ତ୍ତା ହୋଇ ନିଜେ ନିଜେ ନେଉଛନ୍ତି ।କିଛି କର୍ମଚାରୀ ଙ୍କର ଟ୍ରେନିଂ ରହିଛି ସେହିମାନେ ନିଜେ ନିଜେ ଡ଼ାକି ସେଠାରୁ ନେଉଛନ୍ତି ବୋଲି ବିପିଏମ ମିନତି ସାମଲ କହିଛନ୍ତି । ୟୁନିଫର୍ମ ବଣ୍ଟନ ବିଭାଗର କୌଣସି ସଂପୃକ୍ତି ନାହିଁ । ଏହାସହ ବ୍ଲକରେ ମୋଟ କେତେ ସଂଖ୍ୟକ ଏମବିକେ, ବ୍ୟାଙ୍କ ମିତ୍ର ଓ ସିଆରପି ମହିଳା କର୍ମଚାରୀ କାର୍ଯ୍ୟରତ ଅଛନ୍ତି ବୋଲି ପଚାରିବାରୁ ସନ୍ତୋଷ ଜନକ ଉତ୍ତର ମିଳି ପାରିନଥିଲା । ଅନ୍ୟପକ୍ଷରେ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଅଭିକ ନାରାୟଣ କହିଛନ୍ତି ୟୁନିଫର୍ମ ମିଶନ ଶକ୍ତି ବିଭାଗ ପକ୍ଷରୁ ସପ୍ଲାଏ କରାଯାଇଛି ଆମେ ବଣ୍ଟନ କରୁଛୁ । ବିଭାଗ ନିଯୁକ୍ତ କରିଥିବା ଏଜେନ୍ସି ସପ୍ଲାଏ ଦେଉଛି ଏବଂ ବ୍ଲକ ଅଧିକାରୀଙ୍କୁ କେବଳ ବଣ୍ଟନ କରିବାକୁ କୁହାଯାଇଛି । ଏହାସହ ୟୁନିଫର୍ମ ବଣ୍ଟନ ନେଇ ସରକାରୀ ନିୟମ ରହିଛି କି ପଚାରିବାରୁ ବିରକ୍ତ ହୋଇ ମୁଁ ଆପଣଙ୍କ ସହ ସେୟାର କରିବାକୁ ବାଧ୍ୟ ନୁହେଁ ବୋଲି କଥା କୁ ଏଡ଼ାଇ ଯାଇଥିଲେ । ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ ଏହି ୟୁନିଫର୍ମ ବଣ୍ଟନ ନେଇ ବ୍ଲକ ମିଶନ ଶକ୍ତି ବିଭାଗ ଓ ଜିଲ୍ଲା ମିଶନ ଶକ୍ତି ବିଭାଗ କଥା ମଧ୍ୟରେ କୌଣସି ତାଳମେଳ ରହୁନଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଯାହାକି ୟୁନିଫର୍ମ ବଣ୍ଟନ ଅନିୟମିତତା ନେଇ ଉପରିସ୍ଥ ବିଭାଗିୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

## ମାଲକାନଗିରି ବିମାନବନ୍ଦରରେ ସଫଳ ହେଲା ବହୁ ପ୍ରତୀକ୍ଷିତ ବିମାନ ଟ୍ରାଏଲ୍ ଲ୍ୟାଣ୍ଡିଂ: ଏକ ମାସ ମଧ୍ୟରେ ଆରମ୍ଭ ହେବ ନିୟମିତ ଉଡ଼ାଣ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନକୁ ସାକାର କରି ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ମାଲକାନଗିରି ଏୟାରଷ୍ଟ୍ରିପ୍ ?ଠାରେ ପରୀକ୍ଷାମୂଳକ ବିମାନ ଉଡ଼ାଣ ବା ଟ୍ରାଏଲ୍ ରନ୍ ସଫଳତାର ସହ ସମ୍ପନ୍ନ ହୋଇଛି । ମେସର୍ସ ଇଣ୍ଡିଆଓନ୍ ଏୟାର୍‌ର ସ୍ୱତନ୍ତ୍ର ସେସନା ଗ୍ରାଣ୍ଡ କାରାଭାନ ୨୦୮ବି ଇଏକ୍ସ ବିମାନଟି ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ଜୟପୁରରୁ ବାହାରି ଦିନ ୨:୩୦ ରେ ମାଲକାନଗିରି ରନ୍‌ୱେରେ ଅବତରଣ କରିଥିଲା, ଯେଉଁଠାରେ ଏହାକୁ ଅଗ୍ନିଶମ ବିଭାଗ ପକ୍ଷରୁ ଭବ୍ୟ ୱାଟର କ୍ୟାନନ ସାଲ୍ୟୁଟ୍ ପ୍ରଦାନ କରାଯାଇଥିଲା । ଏହି ସଫଳ ପରୀକ୍ଷଣ ପରେ ଆସନ୍ତା ଏକ ମାସ ମଧ୍ୟରେ ଜିଲ୍ଲାରୁ ପ୍ରାରମ୍ଭିକ ଭାବେ ୯ ସିଟ୍ ବିଶିଷ୍ଟ ନନ-ସେଡ୍ୟୁଲ୍ ବିମାନ ସେବା ଆରମ୍ଭ ହେବାକୁ ଯାଉଛି । ଜିଲ୍ଲାରେ ବିମାନ ସେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପଛରେ ମାଲକାନଗିରି ଜିଲ୍ଲାପାଳଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ନିରଳସ ପ୍ରଚେଷ୍ଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଛି । ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି, ଆଜିର ସଫଳ ଟ୍ରାଏଲ୍ ଲ୍ୟାଣ୍ଡିଂ ମାଲକାନଗିରିର ଯୋଗାଯୋଗ ବିପ୍ଳବ କ୍ଷେତ୍ରରେ ଏକ ମାଇଲଖୁଣ୍ଟ । ଜିଲ୍ଲା ପ୍ରଶାସନ ସମସ୍ତ ଅଂଶୀଦାରଙ୍କ ସହ ସମନ୍ୱୟ ରକ୍ଷା କରି ଏକ ମାସ ମଧ୍ୟରେ ସାଧାରଣ ଜନତାଙ୍କ ପାଇଁ ନିୟମିତ ଉଡ଼ାଣ ଆରମ୍ଭ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଏହା କେବଳ ପରିବହନ ସୁବିଧା ଯୋଗାଇବ ନାହିଁ, ବରଂ ଜିଲ୍ଲାର ପର୍ଯ୍ୟଟନ ଓ ଆର୍ଥିକ ବିକାଶର ନୂତନ ଦ୍ୱାର ଉନ୍ମୋଚନ କରିବ । ଜିଲ୍ଲାପାଳଙ୍କ ନିର୍ଦ୍ଦଶକ୍ରମେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ରାସ୍ତା ଓ କୋଠାବାଡ଼ି ସୁପରିଟେଣ୍ଡିଂ ଇଞ୍ଜିନିୟର ରବୀନ୍ଦ୍ର କୁମାର ବେହେରା ଉପସ୍ଥିତ ରହି ସମଗ୍ର ପ୍ରକ୍ରିୟାର ସୁଚାରୁ ପରିଚାଳନା କରିଥିଲେ । ମୁଖ୍ୟ ପାଇଲଟ୍ କ୍ୟାପ୍ଟେନ ପ୍ରେମ କୁମାର ଗର୍ଗ ଏବଂ କୋ-ପାଇଲଟ୍ ସତୀଶ ଏସ କେ ବିମାନବନ୍ଦରର ରନ୍ ?ୱେ ସମେତ ସମସ୍ତ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଉପଯୁକ୍ତ ବୋଲି ଦର୍ଶାଇଛନ୍ତି । ଭୁବନେଶ୍ୱରରୁ ଆସିଥିବା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ (ସୁରକ୍ଷା) ମନୋଜ କୁମାର ଦାସ, ସହକାରୀ ନିର୍ଦ୍ଦେଶକ (ଏରୋ ସେଫ୍‌ଟି) ନିରଜ କୁମାର ନାୟକ ଏବଂ ବିମାନବନ୍ଦର ଆକାଉଣ୍ଟେବଲ୍ ମ୍ୟାନେଜର ଅଶୋକ କୁମାର ରାଉତ ଏହି ପ୍ରସ୍ତୁତି ଏବଂ ସଫଳ ଟ୍ରାଏଲ୍ ରନ୍ ?ର ଚୂଡ଼ାନ୍ତ ସମୀକ୍ଷା କରିଛନ୍ତି । ସରକାରଙ୍କ ଆଞ୍ଚଳିକ ସଂଯୋଗୀକରଣ ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ବିମାନ ଚଳାଚଳ ବ୍ୟବସ୍ଥା ନନ-ସେଡ୍ୟୁଲ୍ ଭିତ୍ତିରେ କାର୍ଯ୍ୟ କରିବ, ଯେଉଁଠାରେ ଯାତ୍ରୀମାନଙ୍କର ସମ୍ପୂର୍ଣ୍ଣ ଟିକେଟ୍ ବୁକିଂ ନିଶ୍ଚିତ ହେବା ପରେ ହିଁ ବିମାନ ଉଡ଼ାଣ ଭରିବ । ଯାତ୍ରୀମାନଙ୍କ ସୁବିଧା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ସ୍ୱତନ୍ତ୍ର ନୋଡାଲ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ଏବଂ ନିୟମିତ ପ୍ୟାସେଞ୍ଜର ଅପଡେଟ୍ ପାଇଁ ପର୍ଯ୍ୟଟନ ବିଭାଗକୁ ମଧ୍ୟ ସାମିଲ କରାଯାଇଛି । ବର୍ତ୍ତମାନର ୧୫୦୦ ମିଟର ରନ୍ ?ୱେକୁ ଆହୁରି ୩୦୦ ମିଟର ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ୧୮୦୦ ମିଟର ର ରନ୍ ୱେ ତିଆରି କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି, ଯାହା ଭବିଷ୍ୟତରେ ଏଠାରେ କମର୍ସିଆଲ ଜେଟ୍ ଏୟାରକ୍ରାଫ୍ଟ ର ଅବତରଣ ସହ ମାଲକାନଗିରି ଜିଲ୍ଲାର ଅର୍ଥନୀତି, ପରିବହନ ଓ ପର୍ଯ୍ୟଟନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ ।

## ରାଇଘର ମେଡ଼ିକାଲ ମୁଖ୍ୟ ଫାଟକ ସାମ୍ନାରେ ଖାଲ ହୋଇ ସୃଷ୍ଟି ହୋଇଛି କୃତ୍ରିମ ପୋଖରୀ; ରୋଗୀ ଓ ସାଧାରଣ ଲୋକ ହନ୍ତସନ୍ତ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଫାଟକ ସମ୍ମୁଖରେ ରାସ୍ତାରେ ଖାଲ ସୃଷ୍ଟି ହୋଇଥିବାରୁ ସେଠାରେ ବର୍ଷା ପାଣି ଜମି ଏକ କୃତ୍ରିମ ପୋଖରୀର ରୂପ ନେଇଛି । ଏହି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ଏହାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି ।ପ୍ରତିଦିନ ସକାଳୁ ଶହ ଶହ ରୋଗୀ, ସେମାନଙ୍କ ସମ୍ପର୍କୀୟ, ଗର୍ଭବତୀ ମହିଳା, ବୃଦ୍ଧବୃଦ୍ଧା, ଛୋଟ ଶିଶୁ ଓ ସାଧାରଣ ଲୋକ ଏହି ମେଡ଼ିକାଲକୁ ବିଭିନ୍ନ ସ୍ୱାସ୍ଥ୍ୟ ସେବା ପାଇଁ ଆସୁଛନ୍ତି । କିନ୍ତୁ ମୁଖ୍ୟ ଫାଟକ ସମ୍ମୁଖରେ ଜମି ରହୁଥିବା ପାଣି ଓ କାଦୁଅ ଯୋଗୁଁ ସେମାନଙ୍କୁ ମେଡ଼ିକାଲକୁ ପ୍ରବେଶ କରିବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅନେକ ସମୟରେ ଲୋକମାନେ କାଦୁଅରେ ପାଦ ଖସି ପଡ଼ିବାର ଆଶଙ୍କା ମଧ୍ୟ ରହୁଛି ।ସ୍ଥାନୀୟ



ଲୋକଙ୍କ କହିବା ଅନୁସାରେ, ବର୍ଷା ହେଲେ ଏହି ସ୍ଥାନରେ ପାଣି ଜମି ଦିନ ଦିନ ଧରି ରହୁଛି । ଏହା ଯୋଗୁଁ ଆମ୍ବୁଲାନ୍ସ, ଦୁଇଚକିଆ ଓ ଚାରିଚକିଆ ଗାଡ଼ି ଚଳାଚଳରେ ମଧ୍ୟ ବାଧା ସୃଷ୍ଟି । ଜରୁରୀ କାଳୀନ ସୁବିଧା ଯୋଗାଇବା ସମୟରେ ଦ୍ରୂତଗତିରେ ଗାଡ଼ି ଚଲାଇ ବେଳେ ଲୋକଙ୍କ ଉପରେ କାଦୁଅ ପାଣି ଛିଟିକି ପଡୁ ଥିବା ମଧ୍ୟ ଦେଖିବାକୁ ମିଳୁଛି । । ସ୍ୱାସ୍ଥ୍ୟ ସେବା ମିଳୁଥିବା ସ୍ଥାନର ପ୍ରବେଶ ପଥ ଏପରି ଦୟନୀୟ ଅବସ୍ଥାରେ ଥିବାରୁ ସାଧାରଣ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି ।ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କ ଦାବି, ତୁରନ୍ତ ଏହି ଖାଲଗୁଡ଼ିକୁ ମରାମତି କରାଯାଇ ରାସ୍ତାକୁ ସମତଳ କରାଯାଉ ।ଏବେ ଦେଖିବାକୁ ବାକି ରହିଲା, ଏହି ଗୁରୁତର ସମସ୍ୟା ପ୍ରତି ସ୍ୱାସ୍ଥ୍ୟ ବିଭାଗ ଓ ସମ୍ପୃକ୍ତ ପ୍ରଶାସନ କେବେ ଦୃଷ୍ଟି ଦେଉଛନ୍ତି ଏବଂ ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ କେବେ କରୁଛନ୍ତି ।

# ୨୪ ଘଣ୍ଟା ମଧ୍ୟରେ ୩ ନାବାଳକଙ୍କୁ ଉଦ୍ଧାର କଲା ବାଣିଗୋଛା ପୋଲିସ

ଦଶପଲ୍ଲା,(ମହାଭାରତ): ବାଣିଗୋଛା ଥାନା ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୨୪ ଘଣ୍ଟା ମଧ୍ୟରେ ନିଖୋଜ ହୋଇଥିବା ୩ ଜଣ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି । ଉଦ୍ଧାର ହୋଇଥିବା ତିନିଜଣ ଛାତ୍ର ବାଣିଗୋଛାସ୍ଥିତ ଏକ ଘରୋଇ ଛାତ୍ରାବାସରେ ରହି ଷଷ୍ଠ ଶ୍ରେଣୀରେ ପଢୁଥିଲେ । ସେମାନେ ଗତ ୨୦ ଜୁଲାଇ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଛାତ୍ରାବାସରୁ ଚାଲିଯାଇଥିଲେ । ଏନେଇ ଅଭିଯୋଗ ପାଇବା ପରେ ବାଣିଗୋଛା ପୁଲିସ ତୁରନ୍ତ ସନ୍ଧାନ ଅଭିଯାନ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା । ଶେଷରେ ୨୪ ଘଣ୍ଟା ମଧ୍ୟରେ ତିନିଜଣ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପରିବାର ଲୋକଙ୍କ ସହ ମିଳାଇବା ପାଇଁ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହି ଘଟଣାରେ ବାଣିଗୋଛା ଥାନା କେସ୍ ନଂ–୯୨/୨୦୨୬ ଧାରା ୧୩୭(୨) ବିଏନଏସ୍ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି ।

## ବିଜୁ ଜନତା ଦଳ, ପାରାଦ୍ୱୀପ ପକ୍ଷରୁ ସର୍ବଭାରତୀୟ ନିଟ ପରୀକ୍ଷା ରେ ଉଲେଖନୀୟ ସଫଳତା ପାଇଁ ଅବିନାଶ କୁ ସମ୍ମାନିତ



ପାରାଦୀପ, (ମହାଭାରତ) : ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ପାରାଦୀପ ପୌରାଞ୍ଚଳର ୫ ନମ୍ବର ୱାର୍ଡ ସନ୍ତୋଷୀ ନଗର ର ଅବିନାଶ ସାମନ୍ତରାୟ ଉଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ସର୍ବ ଭାରତୀୟ ସ୍ତରରେ ୫୮୪୩ ଓବିସି କାଟାଗୋରିରେ ୨୪୩୦ ତମ ସ୍ଥାନ ଅଧିକାର କରି ଜଗତସିଂହପୁର ଜିଲ୍ଲା ଓ ପାରାଦୀପ ବାସୀଙ୍କୁ ଗର୍ବିତ କରିଛନ୍ତି । ଅବିନାଶ ମୋଟ ୭୨୦ ମଧ୍ୟରୁ ୬୧୬ ମାର୍କ ପାଇଛନ୍ତି କ୍ଷ ତାଙ୍କ ପିତା ଅଶ୍ୱିନୀ ସାମନ୍ତରାୟ ପାରାଦୀପ ବନ୍ଦରରେ ଜେଏସଡବ୍ଲୁ ର ଚେନ୍ନାଇ ରାଧା କମ୍ପାନୀ ରେ କର୍ମଚାରୀ ହୋଇଥିବା ବେଳେ ମାତା ଭାରତୀ ସାମନ୍ତରାୟ ଜଣେ ସମାଜସେବୀ ଓ ବିଜୁ ଜନତା ଦଳ ର ନାରୀନେତ୍ରୀ ରୁପେ ଅଞ୍ଚଳରେ ବେସ ଜଣାଶୁଣା । ସମାଜ ସେବା ପାଇଁ ସରକାରୀ ସ୍ତରରେ ଅନେକ ଥର ସେ ପୁରସ୍କୃତ ମଧ୍ୟ ହୋଇଛନ୍ତି ଏବଂ ଅଦ୍ୟାବଧି ସେ ସମାଜସେବା କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ଅବିନାଶ ଯାଜପୁରର ପ୍ରସିଦ୍ଧ ପିଏମଶ୍ରୀ ନବୋଦୟ ରେ ଶିକ୍ଷା ଲାଭ କରୁଥିଲେ । କଠିନ ପରିଶ୍ରମ, ଶିକ୍ଷକ ମାନଙ୍କ ସହଯୋଗ ଓ ମାତା ଭାରତୀ ସାମନ୍ତରାୟ ଙ୍କ ମାଗଦର୍ଶନ ଫଳରେ ସେ ଏହି ସଫଳତା ପାଇପାରିଥିବା କହିଛନ୍ତି ଅବିନାଶ । ତାଙ୍କର ଏହି ସଫଳତା ପାଇଁ ପରିବାର ଲୋକ,ଶିକ୍ଷକ ଏବଂ ସ୍ଥାନୀୟ ସନ୍ତୋଷୀ ନଗର ସମେତ ସମଗ୍ର ପୌରାଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ବିଭିନ୍ନ ମହଲ ରୁ ଅବିନାଶ ଙ୍କୁ ଅଭିନନ୍ଦନ ର ସୁଅ ଚୁଟିବାରେ ଲାଗିଛି । ଅବିନାଶ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ସମାଜ ସେବା କରିବା ପାଇଁ ଇଛା ପ୍ରକାଶ କରିଛନ୍ତି । ସେ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ପ୍ରଥମ ଶ୍ରେଣୀ ରୁ ଯୁକ୍ତ ୨ ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀ ରେ ଉତୀର୍ଣ୍ଣ ହୋଇ ଆସୁଥିଲେ । ପ୍ରଥମେ ସେ ପାରାଦୀପ ର ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ବାଲିଝରା ସ୍କୁଲ ରେ ପାଠ୍ୟକ୍ରମ ଆରମ୍ଭ କରିଥିଲେ । ଅବିନାଶ ମାଟ୍ରିକ ରେ ୮୯ ପ୍ରତିଶତ ଓ ଯାଜପୁର ପିଏମଶ୍ରୀ ନବୋଦୟ ରେ ୯୦ ପ୍ରତିଶତ ମାର୍କ ରଖିବାରେ ସଫଳ ହୋଇଥିଲେ କ୍ଷ ଅବିନାଶ ଙ୍କର ଏହି ସଫଳତା ପାଇଁ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଏବଂ ବିଜୁ ଜନତା ଦଳର ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ବିଜେଡି ନଗର ସଭାପତି କୁମରବର ନାୟକ, ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, କୁଜଙ୍ଗ ବ୍ଲକ ଅଧକ୍ଷା ନିନାରାଣୀ ସାହୁ, ବିଜେଡି ନେତା ଅରୁଣ କୁମାର ବେହେରା, ନଗେନ୍ଦ୍ର ରାଉତ,ପାରିଷଦ ଅଜିତ ଷଡ଼ଙ୍ଗୀ, ପାରିଷଦ କମ୍ବଳା ଜଗନ୍ନାଥ ରାଓ, ପାରିଷଦ ସୁଶାନ୍ତ ଦାସ,ପାରିଷଦ ସ୍ୱପ୍ନାରାଣୀ ଜେନାଙ୍କ ପ୍ରତିନିଧି ଅନନ୍ତ ଜେନା, ରଶ୍ମିରଂଜନ ପରିଡା,ଶିକ୍ଷାବିତ ତଥା ଟେଟ୍ରାହେଡ୍ରୋନ ମୁଖ୍ୟ ତ୍ରିଦେବ ବେହେରା,ସମବାୟବିତ ଗୋବିନ୍ଦ ସ୍ୱାଇଁ, କୃଷିବିତ ଗୋକୁଳ ସ୍ୱାଇଁ, ଗୋପାଳ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ଦିବ୍ୟଜ୍ୟୋତି ଲେଙ୍କା ପ୍ରମୁଖ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଛନ୍ତି ।ତତ ସହିତ ପାରାଦ୍ୱୀପ ରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଅଭିନନ୍ଦନ ଜାରି ରହିଛି ।

## ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ମୂଷାଡ଼ିଆ ସ୍କୁଲକୁ ସୁବିଧା ଉପକରଣ ଦାନ ଅଭିଯାନ

ପାରାଦୀପ, (ମହାଭାରତ) : ପାରାଦୀପ ଇଫକୋ ନିକଟସ୍ଥ ମୂଷାଡ଼ିଆ ର ୟୁ.ପି.ସ୍କୁଲର ପ୍ରକଳ୍ପ ପାଠାଗାର ଏବଂ ଭିତ୍ତିଭୂମିକୁ ସମର୍ଥନ ଓ ସହଯୋଗ କରିବା ପାଇଁ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ଇଫକୋ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଇଫକୋର ପ୍ରଥମ ମହିଳା ମମତା ପଟେଲ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ଲେଡିଜ୍ କ୍ଲବର ସଭାନେତ୍ରୀ ସୁଚିତ୍ରା ମୂର୍ତ୍ତି, ସମ୍ପାଦିକା ପ୍ରିୟଙ୍କା ଯାଦବ, ରଞ୍ଜନା ଓଝା, ପ୍ରଣତି ନାୟକ ଏବଂ ଜ୍ୟୋତି ଲେଡିଜ୍ କ୍ଲବ ଇଫକୋର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ସ୍କୁଲର ଏହି ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ କ୍ଲବର ତୃଣମୂଳ ସ୍ତରରେ କଲ୍ୟାଣ ପ୍ରତି ପ୍ରତିବଦ୍ଧତା ଉପରେ ଆଲୋକପାତ କରାଯାଇଥିଲା ଏବଂ ଜ୍ୟୋତି ଲେଡିଜ୍ କ୍ଲବ ସ୍କୁଲ ପାଇଁ ଫର୍ଣ୍ଣିଚର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଥିଲେ । ଏହି ଅନୁଦାନ ଲାଇବ୍ରେରୀ ଏବଂ




ଶ୍ରେଣୀଗୃହ ସୁବିଧାକୁ ଉନ୍ନତ କରିବ ଏବଂ ମୂଷାଡ଼ିଆ ପ୍ରୋଜେକ୍ଟ ୟୁ.ପି.ସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ଅନୁକୂଳ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ । ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ପଟେଲ ଇଫକୋର ନିରନ୍ତର ସମର୍ପଣ ଉପରେ ଗୁରୁତ୍ୱାରୋପ କରିଥିଲେ । 'ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ ଯେତେବେଳେ ଏବଂ ଯେଉଁଠାରେ ସାହାଯ୍ୟର ଆବଶ୍ୟକତା ପଡ଼ିବ ସେତେବେଳେ ଏପରି କାର୍ଯ୍ୟକ୍ରମ ଜାରି ରଖିବ,' ବୋଲି ସେ କହିଥିଲେ । 'ଯେଉଁ ସ୍ଥାନରେ ସାହାଯ୍ୟ ପହଞ୍ଚିବା ସମ୍ଭବ ନୁହେଁ, ସେଠାରେ ମଧ୍ୟ ଇଫକୋ ଆବଶ୍ୟକୀୟ ସମସ୍ତ ସାମଗ୍ରୀ ଯୋଗାଇବା ପାଇଁ ପଦକ୍ଷେପ ନେବ ।' ଏହି କାର୍ଯ୍ୟକ୍ରମକୁ ଇଫକୋ ର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସଫଳତାର ସହିତ ପରିଚାଳନା କରିଥିଲେ । ଏହି ପଦକ୍ଷେପ କ୍ଲବର ପୂର୍ବ ଦାନଶୀଳ ପ୍ରୟାସ ଉପରେ ଆଧାରିତ, ଭବିଷ୍ୟତରେ ଏପରି କାର୍ଯ୍ୟକଳାପକୁ ବଜାୟ ରଖିବା ଏବଂ ବିସ୍ତାର କରିବାର ଯୋଜନା ସହିତ, ଓଡ଼ିଶାର ଶିକ୍ଷ କେନ୍ଦ୍ରରେ ସାମୁଦାୟିକ ଉନ୍ନତିରେ ଇଫକୋ ର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ସୂଚନା ଦିଆଯାଇଛି ।

# ଆୟୁଷ ଡାକ୍ତରଙ୍କ ଭରସାରେ ସ୍ୱାସ୍ଥ୍ୟ କେନ୍ଦ୍ର ଚାଲିଛି

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ମୁଖ୍ୟାଳୟରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଏମ୍‌ବିବିଏସ୍ ଡାକ୍ତରଙ୍କ ନିୟମିତ ଅନୁପସ୍ଥିତି କୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅସନ୍ତୋଷ ପ୍ରକାଶ ଯେ ସ୍ୱାସ୍ଥ୍ୟ କେନ୍ଦ୍ର ଟି ପ୍ରାୟତଃ ଜଣେ ଆୟୁଷ ମହିଳା ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଭରସାରେ ପରିଚାଳିତ ହେଉ ଛି । ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ପରିଚାଳିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଏମ୍‌ବିବିଏସ୍ ଡାକ୍ତର ଜଣେ ଆୟୁଷ ଡାକ୍ତର, ନର୍ସ ନିଯୁକ୍ତ ଥିଲେ ମଧ୍ୟ । ଏମ୍‌ବିବିଏସ୍ ଡାକ୍ତର ଅନେକ ସମୟରେ କାର୍ଯ୍ୟସ୍ଥଳ ରେ ଉପସ୍ଥିତ ରହୁ ନ ଥିବା ଦେଖିବାକୁ ମିଳୁ ଛି । ଫଳରେ ଅଞ୍ଚଳ ରୋଗୀ ମାନେ ଆୟୁଷ ଡାକ୍ତରଙ୍କ ଉପରେ




ନିର୍ଭରଶୀଳ ହେବାକୁ ବାଧ୍ୟ ହେଉ ଛନ୍ତି । ଏହି ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ ବୁଧବାର ସାହାରପଡା ପ୍ରେସ କ୍ଲବର ଦୁଇଜଣ ସାମ୍ବାଦିକ ସକାଳ ପ୍ରାୟ ୮ଟାରୁ ୮.୩୦ ମିନିଟ୍ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅପେକ୍ଷା କରିବା ପରେ ଅପରାହ୍ନ ୪ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମଧ୍ୟ ଅପେକ୍ଷା କରିଥିଲେ । କିନ୍ତୁ ସେହି ସମୟ ରେ ଏମ୍‌ବିବିଏସ୍ ଡାକ୍ତରଙ୍କ ଦେଖା ମିଳି ନ ଥିବା ରୋଗୀ ମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ମନୋରଞ୍ଜନ ଜେନା ଙ୍କୁ ଅବଗତ କରାଯାଇ ଥିବା ମଧ୍ୟ ସେ ଘଟଣା ସମ୍ପର୍କରେ କାରଣ ଦର୍ଶାଇ ବାକୁ କହିବା ବେଳେ କୌଣସି କାରଣ ର ସୂଚନା ମିଳି ପାରୁ ନାହିଁ । ଏଠାରେ ସ୍ପଷ୍ଟ ବାରି ହୋଇ ପଡୁଛି ଯେ ଉଦୟପୁର ଅଧିନରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ରେ ସ୍ୱାସ୍ଥ୍ୟ ଅବସ୍ଥା କିପରି ପରିଚାଳନା ହେଉଛି ଏବଂ ସାଧାରଣ ଲୋକ କିପରି ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉ ଛନ୍ତି । ଏପରି ସ୍ଥିତିରେ ନିୟମିତ ଡାକ୍ତର ଉପସ୍ଥିତ ନ ରହିବା ଯୋଗୁଁ ରୋଗୀ ସେବା ବ୍ୟାହତ ହେଉଥିବା ସ୍ଥାନୀୟ ଲୋକ ମାନେ ଅସନ୍ତୋଷ ପ୍ରକାଶ ସହ ଅଭିଯୋଗ କରିଛନ୍ତି ।

## ପର୍ଶୁରାମ ଓ ବାମନ ଅବତାରରେ ଠାକୁର



ଗଜପତି(ମହାଭାରତ): ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡ଼ି ଠାରେ ଠାକୁର ପର୍ଶୁରାମ ଓ ବାମନ ଅବତାରରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି ।ଆଖପାଖ ଗ୍ରାମ, ପୁରପଲ୍ଲୀରୁ ବହୁତ ଭକ୍ତଙ୍କ ସମାଗମ ହେଉଛି ।ଏହି ଦଶ ଦିନ ଠାକୁରଙ୍କୁ ଦଶ ଅବତାର ଦର୍ଶନ କଲେ ବହୁ ପୁଣ୍ୟ ମିଳେ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ତେଣୁ ଠାକୁରଙ୍କ ଦଶ ଅବତାର ଦର୍ଶନ କରିବା ସକାଶେ ଉଭୟ ଓଡିଶାର ବିଭିନ୍ନ ଅଞ୍ଚଳ ଓ ପଡୋଶୀ ଆନ୍ଧ୍ରପ୍ରଦେଶରୁ ମଧ ଭକ୍ତଙ୍କ ସମାଗମ ହୋଇଛି ।ଭକ୍ତମାନେ ନଡିଆ କଦଳୀ ପଦ୍ମ ଫୁଲ ଫଳ ତୁଳସୀ ମାଳ ଧରି ଠାକୁରଙ୍କ ପୂଜାର୍ଚ୍ଚନା କରି ଦର୍ଶନ କରିବାକୁ ଆସୁଛନ୍ତି । ଓ ମହାପ୍ରଭୁଙ୍କ ଆଶୀର୍ବାଦ ନେଉଛନ୍ତି ।ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ ଦେଖିବା ପାଇଁ ଭକ୍ତଙ୍କ ସୁଅ ଛୁଟୁଛ । ରଥଯାତ୍ରା କମିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପରିଚାଳନା କରିବା ପାଇଁ ପଦକ୍ଷେପ ନିଆଯାଇଛି ।ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ମୃତୟନ କରାଯାଇଛି । ଗୁଣ୍ଡିଚା ବାଡି ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟର ନବୀନତମ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆସିକା(ମହାଭାରତ) ଆସିକା ବିଜ୍ଞାନ ମହିଦ୍ୟାଳୟରେ ନୂତନ ଅଧକ୍ଷ ରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି ପ୍ରଫେସର ହରପ୍ରସାଦ ଶତପଥୀୟ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ କେ.ଏସ୍.ୟୁ.ବି ମହାବିଦ୍ୟାଳୟ, ଭଞ୍ଜନଗର ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଶତପଥୀ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତ । ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ପ୍ରକାଶ ଥାଉକି ପୂର୍ବରୁ ପ୍ରଫେସର ବିଭୂତିଭୂଷଣ ବେବର୍ତ୍ତା, ଅର୍ଥନୀତିଶାସ୍ତ୍ରର ବିଭାଗ ମୁଖ୍ୟ ଅଧକ୍ଷ ଥିଲେୟ ପ୍ରଫେସର ଶତପଥୀ ଦୀର୍ଘ ଦିନର ଅଧାପନା ଜୀବନ ଅନୁଭୂତିକୁ ପ୍ରଶାସନିକ ଦକ୍ଷତାରେ ପରିବର୍ତ୍ତନ କରିବାକୁ ବଦ୍ଧପରିକର ଅଛନ୍ତି । ଇତିମଧରେ ମହାବିଦ୍ୟାଳୟ ଉତ୍ତତିକଳ୍ପେ ସେ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଆହ୍ୱାନ କରିଛନ୍ତି ।

## ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇ ୩ ଗୁରୁତର

ପରଜଙ୍ଗ -(ମହାଭାରତ ) ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଭାଲୁ ମୁଣ୍ଡା ସାରଙ୍ଗ ପୂର୍ତ୍ତ ବିଭାଗ ରାସ୍ତା ଦେଇ ଯାଇଥିବା ଜହ୍ନପଡା ଗ୍ରାମର ଅସୁର ବନ୍ଧ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇ ୩ ଗୁରୁତର । ଗୁରୁତରମାନେ ହେଲେ ଜହ୍ନପଡା ଗ୍ରାମର ଜଣେ ହେଲେ ସରୋଜ ନାୟକ ଓ ଅନ୍ୟ ଦୁଇ ଜଣ ଲୋଧାନୀ ଗ୍ରାମର ଅନନ୍ତ ନାୟକ ଓ ସୁଭଦ୍ରା ନାୟକ । ତେବେ ୩ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଥମେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା । ପରେ ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ କାମାକ୍ଷା ନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ତେବେ ଏହି ପୂର୍ତ୍ତ ବିଭାଗ ରାସ୍ତାର ଅସୁର ବନ୍ଧ ନିକଟରେ ବାରମ୍ବାର ଦୁର୍ଘଟଣା ହେଉଥିବାରୁ କୁଜ ଅବା (ହମ୍ପ ) ନିର୍ମାଣ କରାଯାଉ ନଚେତ ଆଗାମୀ ଦିନରେ ଅନେକ ଦୁର୍ଘଟଣା ଘାଟି ଜୀବନ ଯିବ ତେଣୁ ପ୍ରଶାସନ ଓ ପୂର୍ତ୍ତବିଭାଗର ଅଧିକାରୀ ମାନେ ଏଥି ପ୍ରତି ଦୃଷ୍ଟି ଦେବାପାଇଁ ଜହ୍ନପଡା ଗ୍ରାମବାସୀମାନେ ନିବେଦନ କରିଛନ୍ତି ।

## ପରିବାର ନିୟୋଜନ ପକ୍ଷ ପାଳନ ଅବସରରେ ଜନସଂଖ୍ୟା ସ୍ଥିରତା ରଥକୁ ସ୍ୱାଗତ

ଆସିକା,(ମହାଭାରତ) ଆସିକା ବ୍ଲକ ଅନ୍ତର୍ଗତ ପଢାଳ ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ପରିବାର ନିୟୋଜନ ପକ୍ଷ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପରିବାର ନିୟୋଜନ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସହିତ ଛୋଟ ପରିବାରର ଉପକାରିତା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡାକ୍ତର ଅକ୍ଷୟ ପାଣିଗ୍ରାହୀ, ସ୍ୱାସ୍ଥ୍ୟ କର୍ମୀ ସାମନ୍ତ ଶେଖର ଜେନା, ପି. କାର୍ତ୍ତିକ ପାତ୍ର ପ୍ରମୁଖ ଉପସ୍ଥିତ ରହି ପରିବାର ନିୟୋଜନର ଆବଶ୍ୟକତା ଓ ସରକାରୀ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସୂଚନା ଦେଇଥିଲେ । ଜନସଂଖ୍ୟା ସ୍ଥିରତା ସଚେତନତା ରଥକୁ ଉପକେନ୍ଦ୍ର ପରିସରରେ ସ୍ୱାଗତ କରାଯାଇଥିଲା । ପରେ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ବକ୍ତାମାନେ ଜନସଂଖ୍ୟା ସ୍ଥିରତା, ସୁସ୍ଥ ପରିବାର ଗଠନ ଓ ପରିବାର ନିୟୋଜନ ପଦ୍ଧତି ଅବଲମ୍ବନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ ।

## ନାବାଳିକାଙ୍କୁ ପ୍ରେମ ପ୍ରତାରଣା: ଯୁବକ ଗିରଫ

ସମ୍ବଲପୁର,: ସମ୍ବଲପୁର ଜିଲ୍ଲାର କତରବଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହିତ ଶାରୀରିକ ସଂପର୍କ ରଖି ଯୌନ ଶୋଷଣ ଅଭିଯୋଗରେ ପୁଲିସ ଲୁଧାପାଲି ଆର୍ ଆର୍ କଲୋନୀର ସୌଦାଗର ସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂତ୍ର ର ପ୍ରାପ୍ତ ସୂଚନା ଅନୁଯାୟୀ, ପୀଡିତା ନାବାଳିକା ଜଣକ ଜୁଲାଇ ୧୯ ତାରିଖ ଦିନ ଏସଂକ୍ରାନ୍ତ ରେ କତରବଗା ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ନାବାଳିକା ର ଅଭିଯୋଗରୁ ପ୍ରକାଶ ଯେ ରେଙ୍ଗାଲି ଅଧୀନରେ ଥିବା ଚନ୍ଦମାଳର ବାସିନ୍ଦା ସୌଦାଗର ସିଂ ତାଙ୍କ ନଭେମ୍ବର ୨୦୨୫ ରୁ ତାଙ୍କ ଘର ନିକଟରେ ରହୁଥିଲା । ସିଂ ନାବାଳିକା ର ବିନା ଅନୁମତି ରେ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲା ଏବଂ ଏଥିଯୋଗୁଁ ନାବାଳିକା ଗର୍ଭବତୀ ହୋଇଥିଲେ । ଭୟ ଏବଂ ଲଜ୍ଜାରେ ସେ ଏହି ଘଟଣାକୁ ନିଜ ପିତାମାତାଙ୍କଠାରୁ ନିକଟରେ ଲୁଚାଇ ରଖିଥିଲେ । କତରବଗା ପୋଲିସ ଧାରା ୬୫ (୧) ବିଏନ୍ଏସ୍ ଏବଂ ଆକ୍ଟର ଧାରା ୪ (୨) / ୬ ଅନୁଯାୟୀ କେସ୍ ନମ୍ବର ୮୭/୨୦୨୬ ରେଜିଷ୍ଟ୍ରେସନ୍ କରି ଏହାର ତନାଘନା କରି ମଙ୍ଗଳବାର ଅଭିଯୁକ୍ତ ସୌଦାଗର ସିଂ କୁ ଗିରଫ କରି କୋର୍ଟଚାଲାଣ କରିଥିବାର ଜଣା ପଡିଛି ।

# ପୁଣି ଲାଞ୍ଜିଗଡ ଦୁର୍ଗମ ଅଞ୍ଚଳ ଧଡେଲ ଗ୍ରାମରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ

ଲାଞ୍ଜିଗଡ (ମହାଭାରତ): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲୀ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ଦିନକୁ ଦିନ ଜଙ୍ଗଲୀ ହାତୀପଲ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ସହ ଅନେକ ଲୋକଙ୍କ ଘରଦ୍ୱାର ଭଙ୍ଗାରୁଜା କରୁଛନ୍ତି ହାତୀପଲ । ଏହି ଭଳି ଏକ ଅଭାବନୀୟ ଘଟଣା ଘଟିଛି ମୂଷାନାଲ ସେକ୍ସନ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଧଡେଲ ଗାଁ ରେ । ସୂଚନା ମତେ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଧଡେଲ ଗାଁର ନୀଳ ମାଝୀଓ କ୍ରିଷ୍ଣା ମାଝୀ ଙ୍କ ଘର ଭାଙ୍ଗିଛାଡ଼ିନ ଛତର କରି ଦେଇଛନ୍ତି ।ହେଲେ ସମବାର ବିଳମ୍ବିତ ରାତିରେ



ଦାନ୍ତା ହାତୀ ପଲ ଧଡେଲ ଜଙ୍ଗଲରୁ ଗାଁ ମୁହାଁ ହୋଇ ଏହି ଭଳି ବର୍ବରତା କାଣ୍ଡ ଘଟାଇ ଥିଲେ । ଗର୍ଜନ ଶୁଣି ଦୁଇ ପରିବାର ଜୀବନ ବଞ୍ଚାଇ ବା ବିକଳରେ ଘର ଛାଡି ନିକଟସ୍ଥ ପୋଡ଼ସୀ ଘରେ କୁ ପଳାଇବାରୁ ଅଳ୍ପକେ ବର୍ତ୍ତୀ ଯାଇଥିଲେ ହେଲେ ସକାଳୁ ଘରକୁ ଆସିକି ଦେଖିଲା ବେଳକୁ ଏପଟେ ସର୍ବସ୍ୱାନ୍ତ କରି ନୀଳ ଓ କ୍ରିଷ୍ଣା ମାଝୀ ଙ୍କ ଘର ସମ୍ପୂର୍ଣ ଭାଙ୍ଗିବା ସହିତ ଧାନ,ଚାଉଳ, ମାଣ୍ଡିଆ, ବିରି ଓ ଆସବା ପତ୍ରକୁ ମାଡି ଚକଟି ଦେଇଥିବା ଦେଖିବାକୁ ମିଳିଛି । ବର୍ତମାନ ହାତୀପଲ ଗାଁ ନିକଟରେ ଥିବା ଧଡେଲ ଜଙ୍ଗଲରେ ରହିଥିବା ବେଳେ ଲୋକେ ବେନଗାଁ ଠାରୁ ମୁସାନାଳ ଦେଇ ସେହି ରାସ୍ତାରେ ଯାତାୟାତ ପାଇଁ ଭୟଭୀତ ହୋଇପଡିଛନ୍ତି । ଘଟଣା ସ୍ଥଳକୁ ବନବିଭାଗ ର କର୍ମଚାରି ଆସି ଜା କରିଛନ୍ତି ।ତେବେ ଉକ୍ତ ଅଞ୍ଚଳରେ ଏହି ଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ କ୍ଷତିଗ୍ରସ୍ତ ପରି ବାର କୁ ସରକାର ପକ୍ଷରୁ କ୍ଷତିପୂରଣ ଦେବାକୁ ଦୁଇ ପରିବାର ଆକୁଳ ନିବେଦନ କରିଛନ୍ତି ।

## ପିଏମ୍ଏୱାଇ ହିତାଧିକାରୀ ଚୟନକୁ ନେଇ ଅନିୟମିତତା ଅଭିଯୋଗ

ପରଜଙ୍ଗ - (ମହାଭାରତ ); ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଅଧୀନ କୁମୁସି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)ର ଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି । ପ୍ରକୃତ ଯୋଗ୍ୟ ପରିବାରଙ୍କୁ ଚିହ୍ନଟ କରିବା ପାଇଁ ପୁନଃ ତଦନ୍ତ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।ଏହି ପ୍ରସଙ୍ଗରେ ପଞ୍ଚାୟତର ବିଭିନ୍ନ ଗାଁରୁ ଶତାଧିକ ମହିଳା ଓ ପୁରୁଷ କୁମୁସି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ପଞ୍ଚାୟତ ନିର୍ବାହୀ ଅଧିକାରୀଣୀ ମଇନା ମୁର୍ମୁ ଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଜଣାଇଥିଲେ । ଅଭିଯୋଗ ଅନୁସାରେ, ଅନେକ ପ୍ରକୃତ ଯୋଗ୍ୟ ପରିବାରଙ୍କ ନାମ ତାଲିକାରୁ ବାଦ ପଡ଼ିଥିବାବେଳେ ଅନେକ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରେ ସାମିଲ ହୋଇଛି ।ଏହାର ପ୍ରତିକ୍ରିୟାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଣୀ ମଇନା ମୁର୍ମୁ କହିଛନ୍ତି ଯେ, ପ୍ରତ୍ୟେକ ପଞ୍ଚାୟତରେ ଆୟୋଜିତ ଗ୍ରାମସଭାରେ ଲୋକମାନେ ସେମାନଙ୍କ ଅଭିଯୋଗ ଉପସ୍ଥାପନ କରିପାରିବେ । ସେପଟେ ସରପଞ୍ଚ ବଳରାମ ନାଏକ କହିଛନ୍ତି ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କ ମାମଲାର ପୁନଃ ତଦନ୍ତ କରାଯାଇ ଯୋଗ୍ୟତା ଆଧାରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସୁବିଧା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ଅଖିଳ ଉତ୍କଳ ଅଗ୍ନୀକୁଳ କ୍ଷତ୍ରୀୟ ସମାଜ, ଜଗଦଳପୁର ମଣ୍ଡଳର ନୂତନ କର୍ମକର୍ତ୍ତା ଚୟନ ଓ ଶପଥ ଗ୍ରହଣ ଉତ୍ସବ

ଆସିକା(ମହାଭାରତ): ଅଖିଳ ଉତ୍କଳ ଅଗ୍ନୀକୁଳ ସମାଜ, ଜଗଦଳପୁର ମଣ୍ଡଳ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ ଓ ଶପଥ ଗ୍ରହଣ ଉତ୍ସବ ମହାରାଜପୁର ବନ୍ୟା ଆଶ୍ରୟ ସ୍ଥଳୀଠାରେ ଗମ୍ଭୀର ଓ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ସମାଜର ବହୁ ବରିଷ୍ଠ ସଦସ୍ୟ, ଯୁବ ପ୍ରତିନିଧି ଏବଂ ବିଭିନ୍ନ ଗ୍ରାମରୁ ଆସିଥିବା ସମାଜବନ୍ଧୁଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଉତ୍ସାହପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଥିଲା ।ଏହି ଅବସରରେ କୁଳର ସଭାପତି ଭାବେ ପି. ଭୀମସେନ ପାତ୍ର, ଉପସଭାପତି ଭାବେ ପି. ରାମ ପାତ୍ର, ସମ୍ପାଦକ ଭାବେ ଟି. ନିର୍ମଳ ପାତ୍ର ଏବଂ କୋଷାଧକ୍ଷ ଭାବେ ଡି. ରମାକାନ୍ତ ପାତ୍ର ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରି ନିଜ ଦାୟିତ୍ୱ ଗ୍ରହଣ କରିଥିଲେ । ପୂର୍ବତନ ସଭାପତି ପି. ରାମାରାଓ ପାତ୍ର ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସହ ସଂଗଠନର ପରମ୍ପରା, ଏକତା ଓ ସେବା ମନୋଭାବକୁ ଅକ୍ଷୁଣ୍ଣ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ସଭାରେ ବକ୍ତାମାନେ ଅଗ୍ନୀକୁଳ ସମାଜର ସାଙ୍ଗଠନିକ ସୁଦୃଢ଼ୀକରଣ, ସମାଜର ଐତିହ୍ୟ ଓ ପରମ୍ପରାର ସୁରକ୍ଷା, ଯୁବପିଢ଼ିଙ୍କୁ ସଂଗଠନ ସହ ଯୋଡ଼ିବା, ଶିକ୍ଷାର ପ୍ରସାର, ସାମାଜିକ ସଚେତନତା, ଆର୍ଥିକ ସ୍ୱାବଲମ୍ବନ ଏବଂ ସମାଜର ସର୍ବାଙ୍ଗୀଣ ବିକାଶ ଦିଗରେ ସମସ୍ତଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସମାଜର ପ୍ରତ୍ୟେକ ସଦସ୍ୟଙ୍କ ମଧ୍ୟରେ ଭାତୃତ୍ୱ, ଶୃଙ୍ଖଳା ଓ ପାରସ୍ପରିକ ସହଯୋଗର ମନୋଭାବ ବୃଦ୍ଧି ପାଇଲେ ସଂଗଠନ ଆହୁରି ମଜବୁତ ହେବ



ବୋଲି ମତ ପ୍ରକାଶ ପାଇଥିଲା ।ନୂତନ କର୍ମକର୍ତ୍ତାମାନେ ସମାଜର ସମ୍ବିଧାନ ଓ ରୀତିନୀତିକୁ ସମ୍ମାନ ଜଣାଇ ନିଷ୍ଠା, ସ୍ୱଚ୍ଛତା ଓ ସମର୍ପଣର ସହିତ ଦାୟିତ୍ୱ ପାଳନ କରିବା ସହ ସମାଜର ସାମୂହିକ ଉତ୍ତତି ପାଇଁ ସର୍ବଦା କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ ।ଶେଷରେ ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଉପସ୍ଥିତ ସମାଜବନ୍ଧୁମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେୟ କାର୍ଯ୍ୟକ୍ରମଟି ସମାଜର ଏକତା, ସଂଗଠନର ସୁଦୃଢ଼ତା ଏବଂ ଭବିଷ୍ୟତ କାର୍ଯ୍ୟପ୍ୟା ପ୍ରତି ସମସ୍ତଙ୍କ ଦୃଢ଼ ସଂକଳ୍ପର ପ୍ରତୀକ ହୋଇ ଉଭା ହୋଇଥିଲା ।

# କଣିହାଁ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ




କଣିହାଁ, (ମହାଭାରତ ): କଣିହାଁ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ ବୁଧବାର ପୂର୍ବାହ୍ନ ୧୦.୩୦ ଘଟିକାରେ ପବିତ୍ରମୋହନ ସଭାଗୃହରେ ପଞ୍ଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ପାଳଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁତିକ୍ଷ୍ଣା ମହାପାତ୍ର, ଜିପିଇଓ ଉଦୟନାଥ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପ□ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ ।ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ନିଜ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ, ବିଦ୍ୟୁତ, କୃଷି, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ ଓ ଅନ୍ୟାନ୍ୟ ଉନ୍ନୟନମୂଳକ ସମସ୍ୟା ଉଠାଇଥିଲେ । ସ୍ୱାସ୍ଥ୍ୟ ବିଭାଗର ଆଲୋଚନା ବେଳେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଚାଳକଙ୍କ ଅଭାବ, ଇନ୍ଧନ ଓ ରକ୍ଷଣାବେକ୍ଷଣ ପାଇଁ ଆର୍ଥିକ ସମସ୍ୟା ଓ ଗୋଶାଳା ପ୍ରସଙ୍ଗ ଉଠିଥିଲା । ଏହି ସମସ୍ୟାର ସମାଧାନ ପାଇଁ ଏମସିଏଲ୍, ଏନଟିପିସି, ଜେଆଇଟିପିଏଲ୍ ଓ ଜନପ୍ରତିନିଧିଙ୍କୁ ନେଇ ସ୍ୱତନ୍ତ୍ର ବୈଠକ କରିବା ପ୍ରସ୍ତାବ ଦିଆଯାଇଥିଲା ।କୃଷି ବିଭାଗ ସମ୍ପର୍କିତ ଆଲୋଚନାରେ ଚାଷୀଙ୍କୁ ସମୟମତେ ଉତ୍ତମମାନର ବିହନ ଓ ସାର ଯୋଗାଣ ଦାବି କରାଯାଇଥିଲା । ବଡ଼ତ୍ରିବିଡା ସରପଞ୍ଚ ସନ୍ତନୁ କୁମାର ପ୍ରଧାନ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ ସମସ୍ୟା ଓ କୃଷି ବିଭାଗର କାର୍ଯ୍ୟକଳାପ ନେଇ ଉଦ୍ବେଗ ପ୍ରକାଶ କରିଥିଲେ ।ଗଦାଶିଳା ସମିତି ସଭ୍ୟ ଦିବ୍ୟରଞ୍ଜନ ପ୍ରଧାନ ଓ ବଡ଼ତ୍ରିବିଡା ସରପ□ ସନ୍ତନୁ କୁମାର ପ୍ରଧାନ କଣିହାଁ ରେ କୋଇଲା ଖଣି ଓ ଶିଳ୍ପ ପ୍ରକଳ୍ପ ଅଞ୍ଚଳରେ ବେସାହାରା ଗୋରୁଗାଇ ରାସ୍ତା ଉପରେ ବୁଲୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ପ୍ରସଙ୍ଗ ଉଠାଇଥିଲେ । ବଜ୍ରକୋଟ ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା କୃଷି ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ । ବଡ଼ତ୍ରିବିଡା ସରପଞ୍ଚଏବଂ ବିରୁ ପଞ୍ଚାୟତ ସମିତି ସଭ୍ୟ ଘନଶ୍ୟାମ ସାହୁ କଣିହାଁ ବଜାରରୁ ବାଲାଙ୍ଗୀ, ସମଲ ଓ ବିଗିସର ଅଞ୍ଚଳ ସହ ଏନ୍ଟିପିସି ତେଲିସିଂହା-ପଥରମୁଣ୍ଡା ଛକରୁ ଗୋପାଳପ୍ରସାଦ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧୀନ ରାସ୍ତାର ଶୋଚନୀୟ ଅବସ୍ଥା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ ।ବୈଠକରେ କଣିହାଁ ବ୍ଲକ ଏକ ପ୍ରମୁଖ ଖଣି ଓ ଶିଳ୍ପା□ଳ ହୋଇଥିଲେ ମଧ ଏମ୍ସିଏଲ୍, ଏନ୍ଟିପିସି ଓ ଜେଆଇଟିପିଏଲ୍ର କର୍ତ୍ତୃପକ୍ଷ ଉପସ୍ଥିତ ନ ଥିବାରୁ ଅନେକ ଜନପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ଢେଙ୍କାନାଳ ସାଂସଦ ଓ ସମ୍ପୃକ୍ତ ବିଧାୟକମାନଙ୍କ ଅନୁପସ୍ଥିତିକୁ ନେଇ ମଧ ବୈଠକରେ ଚର୍ଚ୍ଚା ହୋଇଥିଲା ।

## ଆସିକାର ବିଭିନ୍ନ ହୋଟେଲ ଖାଦ୍ୟରେ ଚାଇନାସଲ୍ଟ ବହୁଳ ବ୍ୟବହାର ନିଘୋଡ଼ ନିଦ୍ରାରେ ବିଭାଗୀୟ ଅଧିକାରୀ

ଆସିକା (ମହାଭାରତ)ଆସିକା ବିଭିନ୍ନ ହୋଟେଲରେ ଖାଦ୍ୟ ବିକ୍ରି ଦିନକୁ ଦିନ ଚିନ୍ତାଜନକ ଭାବେ ବଢ଼ିବାରେ ଲାଗିଛି । ଯୁବପିଢ଼ିଙ୍କ ମଧରେ ବିଭିନ୍ନ ଫାଷ୍ଟଫୁଡ୍ର ଚାହିଦା ବଢ଼ିବା ଏବଂ ସହରବାସୀ ଦିନକୁ ଦିନ ବିଭିନ୍ନ ନୂଆ କିସମର ଖାଦ୍ୟ ପ୍ରତି ଆକର୍ଷିତ ହେଉଥିବାରୁ ବେପାରୀମାନେ ଏବେ ସ୍ୱାଦ ନାଁରେ ସେମାନଙ୍କ ଜୀବନ ସହ ଖେଳୁଛନ୍ତି । କେଉଁଠି ବାସିଖାଦ୍ୟ ମିଳୁଛି ତ, ଆଉ କେଉଁଠି ଖାଦ୍ୟର ସ୍ୱାଦ ବଢ଼ାଇବାକୁ ପାଇଁ ରଙ୍ଗ ବୋଳାଯିବା ସହ ରାସାୟନିକ ପଦାର୍ଥ ମିଶ୍ରଣ ଏବଂ ଅତ୍ୟଧିକ ଚାଇନାସଲଟ୍ର ବ୍ୟବହାର ହେଉଛି ।ହୋଟେଲ ଗୁଡ଼ିକରେ ରୋଷେଇ ଘର ସ୍ୱଚ୍ଛତା ସହିତ ଖାଦ୍ୟ ରଖିବା ସ୍ଥାନ ସ୍ୱଚ୍ଛତା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି । ଅନୁରୂପ ପୋକ ଉପଦ୍ରବକୁ ରୋକିବାକୁ ମେସିନ୍ ଲଗାଯାଉନାହିଁ । ସେହିପରି ଆବର୍ଜନା ଜଳ ନିଷ୍କାସନ ପାଇଁ ମଧ ସୁବ୍ୟବସ୍ଥା କରାଯାଉନାହିଁ । ଆସିକାରେ ହୋଟେଲ୍ ଓ ଫାଷ୍ଟଫୁଡ୍ ଖାଦ୍ୟ ବିଷାକ୍ତ ହେବାରେ ଲାଗିଛି ଅଧିକ ରୋଜଗାର ଆଶାରେ ହୋଟେଲ୍ ମାଲିକମାନେ ଲୋକଙ୍କ ଜୀବନ ସହ ଖେଳୁଛନ୍ତି ରୋଷେଇ ଘର ସଫାସୁତରା ରଖିବା ଦୂରରେ ଥାଉ ବାସି, ବିଷାକ୍ତ ରଙ୍ଗ ମିଶା ଖାଦ୍ୟକୁ ଗ୍ରାହକଙ୍କୁ ଖାଇବାକୁ ଦେବାକୁ ପଛାଉନାହାନ୍ତି । ସେହିପରି ସହରରେ ପ୍ରତିଦିନ ଛତୁ ଫୁଟିବା ଭଳି ଫାଷ୍ଟଫୁଡ୍ ଦୋକାନ ଓ ଠେଲାଗାଡ଼ିରେ ଖାଦ୍ୟ ବିକ୍ରି ବଢ଼ିବାରେ ଲାଗିଛି ବାରମ୍ବାର ଖବର ପ୍ରସାରଣ ହେବା ପରେ ମଧ ବିଭାଗ ପକ୍ଷରୁ ସେଭଳି କିଛି ଆଖିଦୃଷ୍ଟିଆ ପଦକ୍ଷେପ ନହେବାରୁ ଆସିକା ବୁଦ୍ଧିଜୀବୀ ମାନଙ୍କ ମଧରେ ଅସନ୍ତୋଷ ଦେଖା ଦେଉଚି । ବର୍ତ୍ତମାନ ପରିସ୍ଥିତିରେ ଯାଞ୍ଚକୁ ଜୋରଦାର କରିବାକୁ ଦାବି ହୋଇଛ ।

## ଶିକ୍ଷକ ଙ୍କୁ ଅବସର କାଳୀନ ବିଦାୟ କାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ(ମହାଭାରତ)ଁପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପିଟିଶାଳ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ସାମନ୍ତ ବିମଳ କୁମାର ରଣସିଂହ ଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । କାଣ୍ଡେଶ୍ୱର କ୍ଲଷ୍ଟର ସ୍ତରୀୟ ଅବସର କାଳୀନ ସଭାରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ବେହେରା ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ କୈଳାଶ ଚନ୍ଦ୍ର ପଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଅବସର ପ୍ରାପ୍ତ ଶିକ୍ଷକ ଜଣେ ମେଳାପି, ଛାତ୍ରବତ୍ସଳ, ଶିକ୍ଷକ ନେତା ଥିଲେ । ତାଙ୍କର ସ୍ପଷ୍ଟବାଦୀ ଗୁଣରେ ଶିକ୍ଷକ ଙ୍କ ଦାବି ଗୁଡିକୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଉପସ୍ଥାପନା କରି କାର୍ଯ୍ୟକାରୀ କରୁଥିବା ପ୍ରକାଶ କରିଥିଲେ । ତାଙ୍କ ଅବସର ଶିକ୍ଷକ ସମାଜ ପାଇଁ ଏକ ଶୂନ୍ୟତା ଆଣିଥିବା ଅତିଥିମାନେ କହିଥିଲେ । ସେ ଠିକ ସମୟରେ ବିଦ୍ୟାଳୟ ଆସି ଶିକ୍ଷା ଦାନ କରି ଛାତ୍ର ଛାତ୍ରୀ ଅବିଭାବକ ଙ୍କ ପ୍ରିୟଭାଜନ ହୋଇଥିଲେ । ଚାକିରି ଆରମ୍ଭ ରୁ ଅବସର ପର୍ଯ୍ୟନ୍ତ ସେ ଗୋଟିଏ ବିଦ୍ୟାଳୟ ରେ ରହି ଏକ ଇତିହାସ ରଚନା କରିଥିଲେୟ ଶିକ୍ଷକ ମାନେ ଅବସର ନେଇଥିବା ଶିକ୍ଷକ ଙ୍କୁ ଉପଢୌକନ, ଫୁଲତୋଡ଼ା, ଉପହାର ଦେଇ ସମ୍ମାନିତ କରିବାସହ ତାଙ୍କର ଅବଶିଷ୍ଟ ସମୟ ସୁଖଶାନ୍ତିରେ କାଟିବା ପାଇଁ ଠାକୁର ଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭାଗିରଥି ଦାସ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧରେ ବିଭିନ୍ନ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଜୟକୁମାର ବିଶ୍ୱାଳ, ପ୍ରଧାନ ଶିକ୍ଷକ ବିଜୟକୁମାର ସେଠୀ, ପ୍ରଧାନ ଶିକ୍ଷକ ଚୈତନ୍ୟ ସାହୁ, ପ୍ରଧାନ ଶିକ୍ଷକ ପ୍ରଶନ୍ନ କୁମାର ଜେନା, ପ୍ରଧାନ ଶିକ୍ଷକ ସାଧୁ ମଣ୍ଡଳ, ଶିକ୍ଷକ ସୁକାନ୍ତ କୁମାର ବିଶ୍ୱାଳ, ଶିକ୍ଷକ ସଜନ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ଅଲମ୍ପିଆନ ଗଗନ ନାରଙ୍ଗ ଦର୍ଶନ କଲେ ମହାପ୍ରଭୁଙ୍କୁ



ପୁରୀ ,: ଚଳିତ ରଥଯାତ୍ରା ଅବସରରେ ଭାରତୀୟ ସୁଟର ପଦ୍ମଶ୍ରୀ ଗଗନ ନାରଙ୍ଗ ଶ୍ରୀଜୀଉମାନଙ୍କୁ ଆଡପ ମଣ୍ଡପ ରେ ଦର୍ଶନ କରିଛନ୍ତି । ଦର୍ଶନ ପରେ ନିଜ ପ୍ରତିକ୍ରିୟା ରେ ମହାପ୍ରଭୁଙ୍କୁ ଦର୍ଶନ କରି ସେ ନିଜକୁ ଧନ୍ୟ ମନେ ଭବୁଛନ୍ତି ବୋଲି କହିବା ସହ ଏହି ଅନୁଭବ ସାରା ଜୀବନ ଆଛାଦିତ କରି ରଖିଥିବ ବୋଲି ଭାବ ବିହ୍ୱଳ କଣ୍ଠରେ କହିଥିଲେ ।ପୋଲିସ ଅତିରିକ୍ତ ମହାନିର୍ଦ୍ଦେଶକ ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ,ଆଇଜି ପିନାକ ମିଶ୍ର,କ୍ରୀଡା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,କ୍ରୀଡା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଶ୍ରୀ ନାରଙ୍ଗ ଙ୍କୁ ସ୍ୱାଗତ କରିଥିଲେ ।ସୂଚନା ଯୋଗ୍ୟ ଯେ ପଦ୍ମଶ୍ରୀ ଶ୍ରୀ ନାରଙ୍ଗ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ତାଙ୍କର ଅଲିମ୍ପିକ୍ସ ପଦକ ଜିତିଥିଲେ । ସେ ପୁରୁଷ ୧୦ ମିଟର ଏୟାର ରାଇଫଲ୍ ଇଭେ□ରେ ଏକ କାଂସ୍ୟ ପଦକ ହାସଲ କରିଥିଲେ, ଯାହା ଗେମ୍ସର ସେହି ସଂସ୍କରଣରେ ଭାରତର ପ୍ରଥମ ପଦକ ଥିଲା ।

## ରାଉରକେଲା ଯାଦବ ଉନ୍ନୟନ ସମିତି ତରଫରୁ ପ୍ରସାଦ ବିତରଣ

ରାଉରକେଲା: ପବିତ୍ର ରଥଯାତ୍ରା ଉପଲକ୍ଷେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆମ୍ବାଗାନ ନିକଟସ୍ଥ ଶ୍ରୀ ରାଧାକୃଷ୍ଣ ମନ୍ଦିର ଠାରେ ରାଉରକେଲା ଯାଦବ ଉନ୍ନୟନ ସମିତି ତରଫରୁ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ଚାଲୁରହିଛି । ଶ୍ରୀଗୁଣ୍ଡିଚା ମନ୍ଦିରକୁ ଦର୍ଶନ କରିବାକୁ ଆସୁଥିବା ଭକ୍ତ ଶ୍ରଦ୍ଧାଳୁମାନଙ୍କୁ ପ୍ରତ୍ୟେହ ମଧାହ୍ନରେ ପ୍ରସାଦ ଓ ରାତିରେ ଖିରି ବିତରଣ କରାଯାଉଛି । ଏହି କାର୍ଯ୍ୟକ୍ରମ ୮ ଦିନ ଧରି ଚାଲିବ ବୋଲି ମନ୍ଦିରର ସଭାପତି ହରିହର ବେହେରା ସୂଚନା ଦେଇଛନ୍ତି । ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଅତିଥି ଭାବେ ଯୋଗଦେଇ ପ୍ରସାଦ ବିତରଣ କରିବା ସହ ଏଭଳି କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନକୁ ସାଧୁବାଦ ଦେଇଥିଲେ ।









## ବାଚସ୍ପତିଙ୍କୁ ଭେଟିଲେ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ: ନିଟ୍ ପେପର୍ ଲିକ୍ ପ୍ରସଙ୍ଗରେ ସରକାର ଆଜି ଲୋକସଭାରେ ଆଲୋଚନା ପାଇଁ ରାଜି ହୋଇଥିବାବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଛନ୍ତି। ମିଳିଥିବା ସୂଚନାନୁଯାୟୀ ସରକାର ଲୋକସଭାରେ ନିଟ୍ ପେପର୍ ଲିକ୍ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ ଥିବା କହିବାପରେ ପ୍ରଧାନ ସଂସଦରେ ବାଚସ୍ପତି ବିର୍ଲାଙ୍କୁ ଭେଟିଥିଲେ। ବିତର୍କ ପାଇଁ ତାରିଖ, ସମୟ ସ୍ଥିର କରିବା ପାଇଁ ଏକ ସର୍ବଦଳୀୟ ବୈଠକ ଡାକିବାକୁ ସରକାର ବାଚସ୍ପତି ବିର୍ଲାଙ୍କୁ ଅନୁରୋଧ କରିଛନ୍ତି। ଆଜି ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ଏନେଇ ସରକାରଙ୍କ ସ୍ଥିତି ସ୍ପଷ୍ଟ କରିଛନ୍ତି। କିନ୍ତୁ କଂଗ୍ରେସ ନେତା କେସି ବେଣୁଗୋପାଳ ଏହାପରେ କହିଥିଲେ ଯେ ବିରୋଧୀମାନେ ମଧ୍ୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରୁଛନ୍ତି।

# ସିଜେପି ଆନ୍ଦୋଳନକାରୀଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ହେବନି

ନୂଆଦିଲ୍ଲୀ: ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ ନିଟ୍ ପେପର୍ ଲିକ୍ ବିରୋଧରେ ଜାରି ରଖିଥିବା ଆମରଣ ଅନଶନ ଭାଙ୍ଗିବା ପାଇଁ ରାଜି ହୋଇଛନ୍ତି। କିନ୍ତୁ ଏଥିପାଇଁ ସେ ସରକାରଙ୍କ ନିକଟରେ ସର୍ତ୍ତ ରଖିଛନ୍ତି। ୱାଙ୍ଗଚୁକ୍ କହିଛନ୍ତି, ସିଜେପି ଆନ୍ଦୋଳନରେ ସାମିଲ ଆନ୍ଦୋଳନକାରୀଙ୍କ ବିରୋଧରେ କେଣସି ପ୍ରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ହେବନାହିଁ ବୋଲି ସରକାର ପ୍ରତିଶ୍ରୁତି ଦେବାପରେ ସେ ତାଙ୍କ ଅନଶନ ଶେଷ କରିବେ। କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ୱାଙ୍ଗଚୁକଙ୍କୁ ଗୁରୁବାର ମେଦାନ୍ତ ହସ୍ପିଟାଲରେ ଭେଟି ତାଙ୍କର ପୂର୍ବ ଦାବିଗୁଡ଼ିକୁ ସରକାର ପୂରଣ କରିବା ଦିଗରେ ବିଚାର କରୁଛନ୍ତି ବୋଲି କହିବା ପରେ ୱାଙ୍ଗଚୁକ



ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନଡ୍ଡା ଏବଂ ଜିତେନ୍ଦ୍ର ସିଂହଙ୍କ ନିକଟକୁ ଲେଖିଥିବା ଚିଠିରେ ୱାଙ୍ଗଚୁକ କହିଛନ୍ତି, 'ଗତକାଲି ରାତିରେ ମୋତେ ହସ୍ପିଟାଲରେ ଭେଟିଥିବାରୁ ଏବଂ ମୁଁ ଅନଶନ ଶେଷ କରିବାପାଇଁ ଅନୁରୋଧ କରିଥିବାରୁ ଧନ୍ୟବାଦ। ଆମର ଆଲୋଚନା ସମୟରେ ଆପଣମାନେ ମୋତେ ନିଶ୍ଚିତ କରିଛନ୍ତି ଯେ ସରକାର ମୋର ପୂର୍ବ ଦାବିଗୁଡ଼ିକୁ ବିଚାରକୁ ନେଉଛନ୍ତି। ଏହି ଦାବି ଗୁଡ଼ିକ ହେଉଛି ନିଟ୍ ପେପର୍ ଲିକ୍ ପରେ ଆତ୍ମହତ୍ୟା କରିଥିବା ଛାତ୍ରଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ। ନିଟ୍ ପେପର୍ ଲିକ୍ ଘଟଣାରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ସଂସଦରେ ଅର୍ଥପୂର୍ଣ୍ଣ ଆଲୋଚନା ଏବଂ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା। ସେ କହିଛନ୍ତି, ପୁଲିସ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଚଲୋ ସଂସଦ ପଦଯାତ୍ରା ଶାନ୍ତିପୂର୍ଣ୍ଣ ହୋଇଛି। ସମଗ୍ର ଦେଶ ଏବଂ ବିଶ୍ୱ ସେମାନଙ୍କ ଧୈର୍ଯ୍ୟ ଏବଂ ଗାଣତାନ୍ତ୍ରିକ ଆନ୍ଦୋଳନ ପ୍ରତି ସେମାନଙ୍କ ପ୍ରତିବଦ୍ଧତାକୁ ଦେଖିଛନ୍ତି। ମୁଁ ଆଶା କରୁଛି ଯେ ଆନ୍ଦୋଳନରେ ସାମିଲ ହୋଇଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ଅନ୍ୟ କେଣସି ଆଇନଗତ ମାମଲା ଦ୍ୱାରା ଗଣତନ୍ତ୍ର ପ୍ରତି ବିଶ୍ୱାସ ନତୁଟୁ। ୱାଙ୍ଗଚୁକ ପୁଣିଥରେ କହିଛନ୍ତି ଯେ ସେ ତାଙ୍କ ଆମରଣ ଅନଶନ ଶେଷ କରି ବଞ୍ଚିବାକୁ ଚାହୁଛନ୍ତି କିନ୍ତୁ ଯେଉଁମାନଙ୍କ ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି ସେମାନଙ୍କ ମୂଲ୍ୟରେ କିଛି କରିବି ନାହିଁ। ୱାଙ୍ଗଚୁକ କହିଛନ୍ତି, ଆପଣମାନେ ମତେ ସାକ୍ଷାତ କରି ଯିବାପରେ ସଂସଦରୁ ପାଖାପାଖି ୬୫ ଜଣ ସାଂସଦ ମତେ ଚିଠି ଲେଖି ଅନଶନ ଭାଙ୍ଗିବାପାଇଁ ଅନୁରୋଧ କରିଛନ୍ତି। ସେମାନେ ମତେ ମନେ ପକାଇ ଦେଇଛନ୍ତି ଯେ ଦେଶପାଇଁ ମୋର ଆହୁରି ଅନେକ କାମ କରିବା ବାକି ଅଛି। ମୁଁ ସେମାନଙ୍କ କଥାରେ ରାଜି। ମୁଁ ବଞ୍ଚିବାକୁ ଚାହୁଛି ଏବଂ ମୋ ଛାତ୍ରମାନଙ୍କ ପାଖକୁ ଫେରିବାକୁ ଚାହୁଛି। କିନ୍ତୁ ଯେଉଁମାନଙ୍କ ପାଇଁ ଅଭିଯାନ ଆରମ୍ଭ ହୋଇଥିଲା ସେମାନଙ୍କର କ୍ଷତି କିଛି କ୍ଷତି ନକରି ମୁଁ ଅନଶନ ଶେଷ କରିବାକୁ ଚାହେ।

## ପାଣିଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ମାଆ ଓ ଦୁଇ ପୁଅଙ୍କ ମୃତ୍ୟୁ

ହଲ୍ଦ୍ୱାନୀ: ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲା ଅନ୍ତର୍ଗତ ହଲ୍ଦ୍ୱାନୀରେ ନିର୍ମାଣାଧୀନ ଭୂତଳ ପାଣିଟାଙ୍କି ଭିତରେ ଶ୍ୱାସରୁଦ୍ଧ ହୋଇ ଗୋଟିଏ ପରିବାରର ମାଆ ଓ ତାଙ୍କର ଦୁଇ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗୌଲାପାର ଅଞ୍ଚଳର ମାନପୁର ଗ୍ରାମ ବାସିନ୍ଦା ସରସ୍ୱତୀ ଦେବୀ (୬୫), ତାଙ୍କ ବଡ଼ପୁଅ ଧର୍ମେନ୍ଦ୍ର ବିଷ୍ଟ (୪୪) ଓ ସାନପୁଅ ଖୁସାଲ ସିଂହ ବିଷ୍ଟ (୩୮)। ବନ୍ଦ ଟାଙ୍କି ଭିତରେ ଅମ୍ଳଜାନ ଅଭାବ କିମ୍ବା ବିଷାକ୍ତ ବାଷ୍ପ ଜମି ରହିଥିବାରୁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛନ୍ତି।

ପୁଲିସର ସୂଚନା ଅନୁସାରେ, ଘଟଣାଟି ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଘଟିଥିଲା। ପରିବାର ପକ୍ଷରୁ ଘର ନିକଟ ଜମିରେ ଏକ ଭୂତଳ ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ଟାଙ୍କି ଢଳେଇ ପାଇଁ ଲଗାଯାଇଥିବା ସଟରିଂ ଖୋଲିବା ଉଦ୍ଦେଶ୍ୟରେ ଧର୍ମେନ୍ଦ୍ର ଏକ ସିଡ଼ି ସାହାଯ୍ୟରେ ଭିତରକୁ ଓହ୍ଲାଇଥିଲେ। କିନ୍ତୁ ଭିତରକୁ ଯିବାର କିଛି ସମୟ ପରେ ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ଧର୍ମେନ୍ଦ୍ର ବାହାରକୁ ନ ଆସିବାରୁ ତାଙ୍କ ସାନଭାଇ ଖୁସାଲ ତାଙ୍କୁ ଦେଖିବା ଓ ଉଦ୍ଧାର କରିବା ପାଇଁ ଟାଙ୍କି ଭିତରକୁ ପଶିଥିଲେ। ସେ ମଧ୍ୟ ଅଚେତ ହୋଇ ପଡ଼ିଥିଲେ। ଦୁଇ ପୁଅଙ୍କଠାରୁ କୌଣସି ଉତ୍ତର ନ ମିଳିବାରୁ ମାଆ ସରସ୍ୱତୀ ଦେବୀ ଟାଙ୍କି ଭିତରକୁ ଓହ୍ଲାଇଥିଲେ। ମାତ୍ର ସେ ମଧ୍ୟ ସେଠାରେ ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକଙ୍କ ପାଟି ଶୁଣି ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟାଙ୍କିର ଏକ ପାର୍ଶ୍ୱ ଭାଙ୍ଗି ବହୁ କଷ୍ଟରେ ତିନିଜଣଙ୍କୁ ବାହାର କରାଯାଇଥିଲା। ପରେ ସେମାନଙ୍କୁ ହଲ୍ଦ୍ୱାନୀର ସୁଶୀଳା ତିୱାରୀ ହସ୍ପିଟାଲକୁ ନିଆଯାଇଥିଲା। ପରୀକ୍ଷା ପରେ ଡାକ୍ତରମାନେ ତିନିଜଣଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାୟ ୧୦ ଫୁଟ୍ ଲମ୍ବ, ୧୦ ଫୁଟ୍ ଓସାର ଓ ୧୦ ଫୁଟ୍ ଗଭୀର ଟାଙ୍କିଟି ଦୀର୍ଘ ସମୟ ଧରି ବନ୍ଦ ରହିଥିଲା। ଏହା ନିକଟରେ ଏକ ଗୋବର ଗ୍ୟାସ୍ ପ୍ଲାଣ୍ଟ ମଧ୍ୟ ରହିଛି। ସେଠାରୁ ଗ୍ୟାସ୍ ବାହାରି ଟାଙ୍କିରେ ଜମିଥିଲା କି ନାହିଁ, ତାହା ଏବେ ସ୍ପଷ୍ଟ ହୋଇନାହିଁ। ହସ୍ପିଟାଲର ଚିକିତ୍ସା ଅଧୀକ୍ଷକ ଡା ଅରୁଣ ଯୋଶୀ କହିଛନ୍ତି, ବନ୍ଦ ଟାଙ୍କିରେ ମିଥେନ୍ ଓ ହାଇଡ୍ରୋଜେନ୍ ସଲଫାଇଡ୍ ଭଳି ବିଷାକ୍ତ ବାଷ୍ପ ଜମି ଶ୍ୱାସରୁଦ୍ଧର କାରଣ ହୋଇଥାଇପାରେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

# ମଧ୍ୟପ୍ରଦେଶ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ମଧ୍ୟପ୍ରଦେଶର ଧାର ଜିଲ୍ଲାସ୍ଥିତ ବିବାଦୀୟ ଭୋଜଶାଳା ପରିସର ନିକଟରେ ଶୁକ୍ରବାର ନମାଜ ପାଇଁ ବିକଳ୍ପ ସ୍ଥାନ ଯୋଗାଇଦେବାକୁ ମୁସଲମାନ ପକ୍ଷ କରିଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମ୍‌କୋର୍ଟ ବୁଧବାର ରାଜି ହୋଇଛନ୍ତି। ରାଜ୍ୟ ସରକାର ବର୍ତ୍ତମାନ ଯେଉଁ ସ୍ଥାନ ଚିହ୍ନଟ କରିଛନ୍ତି, ତାହା ଭୋଜଶାଳାଠାରୁ ବହୁ ଦୂରରେ ଥିବା ମୁସଲମାନ ପକ୍ଷ ଅଭିଯୋଗ କରିଛନ୍ତି। ଏହା ଉପରେ ଜବାବ ଦେବାକୁ ସୁପ୍ରିମ୍‌କୋର୍ଟ ମଧ୍ୟପ୍ରଦେଶ ସରକାରଙ୍କୁ କହିବା ସହ ଶୁକ୍ରବାର ମାମଲାର ଶୁଣାଣି କରିବେ ବୋଲି ଜଣାଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ବିଚାରପତି ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ବିବାଦୀୟ ଭୋଜଶାଳା ପରିସରକୁ ଲାଗିଥିବା କେଣସି ସ୍ଥାନରେ ନମାଜ ପାଠ ପାଇଁ ବ୍ୟବସ୍ଥା କରାଯାଇପାରିବ କି ନାହିଁ, ସେ ସମ୍ପର୍କରେ ମଧ୍ୟପ୍ରଦେଶ ସରକାରଙ୍କଠାରୁ ନିର୍ଦ୍ଦେଶ ନେବାକୁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି। ମୁସଲମାନ ପକ୍ଷ ପାଇଁ ହାଜର ହୋଇଥିବା ବରିଷ୍ଠ ଓକିଲ ହୁଜେଫା ଅହମଦୀ ଖଣ୍ଡପୀଠଙ୍କୁ କହିଥିଲେ ଯେ ସୁପ୍ରିମ୍‌କୋର୍ଟଙ୍କ ପୂର୍ବ ଆଦେଶ




ଅନୁସାରେ ଭୋଜଶାଳା ପରିସର ନିକଟରେ ଏକ ଖୋଲା ସ୍ଥାନ ଯୋଗାଇଦେବାର ଥିଲା। ମାତ୍ର ରାଜ୍ୟ ପ୍ରଶାସନ ନମାଜ ପାଇଁ ଚିହ୍ନଟ କରିଥିବା ସ୍ଥାନ ବିବାଦୀୟ ପରିସରଠାରୁ ପ୍ରାୟ ୨ କିଲୋମିଟର ଦୂରରେ ରହିଛି। ଫଳରେ ମୁସଲମାନମାନେ ଗୋଟିଏ ଶୁକ୍ରବାର ନମାଜ ମଧ୍ୟ ପଢ଼ିପାରି ନାହାନ୍ତି ବୋଲି ସେ ଦର୍ଶାଇଥିଲେ। ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ମେହେଟ୍ଟା କହିଥିଲେ ଯେ ବିକଳ୍ପ ସ୍ଥାନଟି ଭୋଜଶାଳାଠାରୁ ପ୍ରାୟ ୯୦୦ ମିଟର ଦୂରରେ ରହିଛି। ତେବେ ସେ ବ୍ୟକ୍ତିଗତ ଭାବେ ଏହି ବିଷୟରେ ଯାଞ୍ଚ କରିବେ ଏବଂ କେଣସି ତ୍ରୁଟି ଥିଲେ ତାହା ସଂଶୋଧନ ପାଇଁ ପଦକ୍ଷେପ ନେବେ ବୋଲି ଖଣ୍ଡପୀଠଙ୍କୁ ଆଶ୍ୱାସନ ଦେଇଥିଲେ। ସୁପ୍ରିମ୍‌କୋର୍ଟଙ୍କ ପୂର୍ବ ଆଦେଶକୁ ଅକ୍ଷରେ ଅକ୍ଷରେ ଏବଂ ତାହାର ମୂଳ ଉଦ୍ଦେଶ୍ୟ ଅନୁସାରେ ପାଳନ କରାଯିବା ଦରକାର ବୋଲି ବିଚାରପତି ବାଗ୍‌ଚୀ ମତ ଦେଇଥିଲେ। ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଇନ୍ଦୋର ଖଣ୍ଡପୀଠ ଗତ ମେ ୧୫ ତାରିଖରେ ଦେଇଥିବା ରାୟରେ ଏକାଦଶ ଶତାବ୍ଦୀର ଭୋଜଶାଳା ପରିସରକୁ ଦେବୀ ବାଗ୍‌ଦେବୀଙ୍କ ମନ୍ଦିର ଓ ସଂସ୍କୃତ ଶିକ୍ଷାକେନ୍ଦ୍ର ଭାବେ ଘୋଷଣା କରିଥିଲେ। ଏହା ସହିତ ପ୍ରତି ମଙ୍ଗଳବାର ହିନ୍ଦୁମାନଙ୍କୁ ପୂଜା ଏବଂ ଶୁକ୍ରବାର ମୁସଲମାନମାନଙ୍କୁ ନମାଜ ପାଠ ପାଇଁ ଅନୁମତି ଦେଇଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ୨୦୦୩ ଏପ୍ରିଲ ୭ ତାରିଖର ଆଦେଶକୁ ରଦ୍ଦ କରିଦେଇଥିଲେ। ମୁସଲମାନ ପକ୍ଷ ଏହି ରାୟକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଜୁଲାଇ ୧୪ରେ ଉକ୍ତ ଆବେଦନଗୁଡ଼ିକର ଶୁଣାଣି କରି ସୁପ୍ରିମ୍‌କୋର୍ଟ ମାମଲାର ଚୂଡ଼ାନ୍ତ ଫଇସଲା ନ ହେବା ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଅପରାହ୍ଣ ୧ଟାରୁ ୩ଟା ମଧ୍ୟରେ ନମାଜ ପାଇଁ ବିବାଦୀୟ ପରିସରକୁ ଲାଗି ଏକ ପୃଥକ୍ ଖୋଲା ସ୍ଥାନ ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ କହିଥିଲେ। ଏହି ଆଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ଉପରେ ଆସନ୍ତା ଶୁକ୍ରବାର ପୁଣି ଶୁଣାଣି ହେବ।

## ରାଜନୈତିକ ସ୍ୱାର୍ଥ ପାଇଁ ଛାତ୍ରମାନଙ୍କୁ ବ୍ୟବହାର କରାଯାଉଛି'

ନୂଆଦିଲ୍ଲୀ: ନିଟ୍ ପେପର୍ ଲିକ୍ ବିରୋଧରେ କକ୍ରୋଚ୍ ଜନତା ପାର୍ଟି ଦିଲ୍ଲୀରେ ଆନ୍ଦୋଳନ ଜାରି ରଖିଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଏନେଇ ବିରୋଧୀ ଦଳ ନେତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏକ୍ସରେ ଏକ ପୋଷ୍ଟ କରି ରାଜନାଥ କହିଛନ୍ତି, ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନ ଅତ୍ୟନ୍ତ ଚିନ୍ତାଜନକ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ କିଛି ଲୋକ ସେମାନଙ୍କ ରାଜନେତିକ ସ୍ୱାର୍ଥ ପୂରଣ ପାଇଁ ଦେଶର ଛାତ୍ର ଏବଂ ଯୁବଗୋଷ୍ଠୀଙ୍କୁ ରାଜନେତିକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଛାତ୍ର ଏବଂ ଯୁବଗୋଷ୍ଠୀଙ୍କ ଆକାଂକ୍ଷା ପୂରଣ କରିବାପାଇଁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ନିଟ୍ ପରୀକ୍ଷାରେ ଅନିୟମିତତାକୁ ବିରୋଧ କରି ହୋଇଥିବା ଆନ୍ଦୋଳନକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋସେଫ ବିଜୟ ସମର୍ଥନ କରିଛନ୍ତି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ବିରୋଧୀ ନେତାଙ୍କ ଅଟକ ଘଟଣାକୁ ମଧ୍ୟ ସେ ନିନ୍ଦା କରିଛନ୍ତି। ଏକ୍ସରେ ଏକ ପୋଷ୍ଟ କରି ବିଜୟ କହିଛନ୍ତି, ଛାତ୍ରଙ୍କ ସମର୍ଥନରେ ବାହାରିଥିବା ନେତାମାନଙ୍କୁ ଅଟକ ରଖିବା ଅଗଣତାନ୍ତ୍ରିକ। ଦିଲ୍ଲୀରେ ନିଟ୍ ପରୀକ୍ଷାରେ ଅନିୟମିତତା ବିରୋଧରେ ଚାଲିଥିବା ଆନ୍ଦୋଳନକୁ ସମର୍ଥନ କରି ଆଗକୁ ବାହାରିଥିବା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ନେତାମାଙ୍କୁ ପୁଲିସ ଅଟକ ରଖିବା ଅଗଣତାନ୍ତ୍ରିକ। ସରକାରଙ୍କର ଏହି କାର୍ଯ୍ୟ ନିନ୍ଦନୀୟ। ଜନ୍ତର ମନ୍ତରରେ ଚାଲିଥିବା କକ୍ରୋଚ୍ ଜନତା ପାର୍ଟି ଆନ୍ଦୋଳନକୁ ସରକାର ଯେଉଁଭଳି ଭାବେ ମୁକାବିଲା କରୁଛନ୍ତି ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର ତା'ର କଡ଼ା ସମାଲୋଚନା କରିଛନ୍ତି। ଥରୁର କହିଛନ୍ତି, ସରକାରୀ କର୍ତ୍ତୃପକ୍ଷମାନେ ଛାତ୍ରଛାତ୍ରୀଙ୍କ ସହ କଥାବାର୍ତ୍ତା କରିବା ପରିବର୍ତ୍ତେ ଉତ୍ତେଜନାକୁ ବଢ଼ାଇ ଦେଇଛନ୍ତି। ଥରୁର କହିଛନ୍ତି, ଦେଶ ଏବେ 'ଗଣତନ୍ତ୍ରର ମୃତ୍ୟୁ' ଦେଖୁଛି। କେନ୍ଦ୍ର ସରକାର ଆନ୍ଦୋଳନରତ ଛାତ୍ରଙ୍କ କଥା ଶୁଣିବାରେ ବିଫଳ ହୋଇଛନ୍ତି ବୋଲି ଥରୁର ଅଭିଯୋଗ କରିଛନ୍ତି ଏବଂ ସେମାନଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିଛନ୍ତି। ପୂର୍ବତନ ବିଜେପି ନେତା କେ ଆନ୍ନାମଲାଇ କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ୩ ଥର ନିଟ୍ ପ୍ରଶ୍ନପତ୍ର ଲିକ୍ ହେଲାଣି। କିନ୍ତୁ ଏଥିପାଇଁ କେଣସି ଉତ୍ତରଦାୟିତ୍ୱ ନାହିଁ। ପରୀକ୍ଷା ପ୍ରକ୍ରିୟା ବିଫଳ ହେବା ଦ୍ୱାରା ଯେଉଁ ଛାତ୍ରମାନେ ପୁଣିଥରେ ପରୀକ୍ଷା ଦେଉଛନ୍ତି ସେମାନଙ୍କ ଉପରେ କେତେ ଚାପ ପଡୁଛି ଚିନ୍ତା କରନ୍ତୁ। ତଥାପି କୌଣସି ଉତ୍ତରଦାୟିତ୍ୱ ନାହିଁ। ଏହି କାରଣ ପାଇଁ ଛାତ୍ରମାନେ ସେମାନଙ୍କ ସ୍ୱର ଉତ୍ତୋଳନ ପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନ ଗଣତନ୍ତ୍ରରେ ଏକ ମୌଳିକ ଅଧିକାର ବୋଲି ଆନ୍ନାମଲାଇ ଗୁରୁତ୍ୱାରୋପ କରିଛନ୍ତି ଏବଂ ସରକାର ଆନ୍ଦୋଳନକାରୀଙ୍କ ସହ କଥା ହେବାରେ ବିଳମ୍ବ କାହିଁକି କଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଛାତ୍ରଙ୍କ ସହ ଆଲୋଚନା କରିବାପାଇଁ ଆନ୍ନାମଲାଇ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ହର୍ମୁଜରେ ଆକ୍ରମଣ ହେଲେ ଇରାନର ସେତୁ ଓ ପାୱାର ପ୍ଲାଣ୍ଟ ଉଡ଼ାଇଦେବୁ: ଟ୍ରମ୍ପ

ୱାସିଂଟନ: ଇରାନ ଉପରେ ଆମେରିକାର କ୍ରମାଗତ ଏକାଦଶ ରାତିର ବିମାନ ଆକ୍ରମଣ ଜାରି ରହିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି। ହର୍ମୁଜ ପ୍ରଣାଳୀରେ କୌଣସି ବାଣିଜ୍ୟିକ ଜାହାଜ ଉପରେ କ୍ଷେପଣାସ୍ତ୍ର, ରକେଟ୍, ଡ୍ରୋନ୍ କିମ୍ବା ଅନ୍ୟ କୌଣସି ଅସ୍ତ୍ରରେ ଆକ୍ରମଣ ହେଲେ ଆମେରିକା ଇରାନର ସେତୁ, ପାୱାର ପ୍ଲାଣ୍ଟ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ବୋମାମାଡ଼ କରି ଧ୍ୱଂସ କରିଦେବ ବୋଲି ସେ କହିଛନ୍ତି। ଏପରିକି ରାଜଧାନୀ ତେହେରାନର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ଛଡ଼ାଯିବ ନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପ ସୋସିଆଲ ମିଡିଆ 'ଟ୍ରୁଥ୍ ସୋସିଆଲ୍'ରେ ଏହି ଚେତାବନୀ ଦେଇଥିବାବେଳେ ହ୍ୱାଇଟ୍ ହାଉସ୍‌ର ଓଭାଲ୍ ଅଫିସ୍‌ରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ନତାଞ୍ଜ ନିକଟସ୍ଥ 'ପିକାକ୍ସ ମାଉଣ୍ଟେନ୍' ଅଞ୍ଚଳରେ ନିର୍ମାଣାଧୀନ ଭୂଗର୍ଭ ପରମାଣୁ କେନ୍ଦ୍ର ଉପରେ ମଧ୍ୟ ଖୁବ୍‌ଶୀଘ୍ର



ଭୟଙ୍କର ଆକ୍ରମଣ କରାଯିବ ବୋଲି ଧମକ ଦେଇଛନ୍ତି। ଇରାନ ସେଠାକୁ ୟୁରାନିୟମ୍ ବିଶୋଧନରେ ବ୍ୟବହୃତ ସେଣ୍ଟ୍ରିଫ୍ୟୁଜ୍ ସ୍ଥାନାନ୍ତର କରିଥିବା ସନ୍ଦେହ ସମ୍ପର୍କରେ ପଚରାଯିବାରୁ ଟ୍ରମ୍ପ କହିଥିଲେ, ୟୁରାନିୟମ୍ ନ ଥିଲେ କେବଳ ସେଣ୍ଟ୍ରିଫ୍ୟୁଜ୍‌ର କୌଣସି ଗୁରୁତ୍ୱ ନାହିଁ ଏବଂ ୟୁରାନିୟମ୍ କେଉଁଠି ଅଛି, ତାହା ଉପରେ ଆମେରିକା ନଜର ରଖିଛି। ଏପଟେ ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) ପକ୍ଷରୁ କୁହାଯାଇଛି ଯେ, ଏକାଦଶ ରାତିର ଆକ୍ରମଣରେ ଇରାନର ସାମରିକ ପରିଚାଳନା କେନ୍ଦ୍ର, ନୌସେନା ସାମର୍ଥ୍ୟ, ଯୁଦ୍ଧବିମାନ ହ୍ୟାଙ୍ଗର୍, ଡ୍ରୋନ୍ ଭଣ୍ଡାର ଏବଂ ସାମରିକ ପରିବହନ ଭିତ୍ତିଭୂମିକୁ ନିଶାଣ କରାଯାଇଥିଲା। ଇରାନ ସମୟ ଭୋର ପ୍ରାୟ ୩ଟା ୪୫ ମିନିଟ୍‌ରେ ଏହି ଅଭିଯାନ ଶେଷ ହୋଇଥିଲା। ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜ ପ୍ରତି ବିପଦ ସୃଷ୍ଟି କରିବାରେ ଇରାନର କ୍ଷମତାକୁ ଦୁର୍ବଳ କରିବା ହିଁ ଏହି ଆକ୍ରମଣର ଉଦ୍ଦେଶ୍ୟ ବୋଲି ସେଣ୍ଟକମ୍ କହିଛି। ତେହେରାନ, ତାବ୍ରିଜ ଓ ଦକ୍ଷିଣ ଇରାନର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିବା ଖବର ମିଳିଛି। ଆମେରିକାର ଅଭିଯୋଗ ଅନୁସାରେ, ଇରାନ ଗତ ତିନି ମାସ ମଧ୍ୟରେ ୩୦ରୁ ଅଧିକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରିଛି। ଫେବ୍ରୁଆରି ୨୮ରୁ ଆମେରିକା ଓ ଇସ୍ରାଏଲର ସାମରିକ ଅଭିଯାନ ଜାରି ରହିଛି। ଇରାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଆମେରିକାର ଆକ୍ରମଣରେ ୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଓ ୫୦୦ରୁ ଅଧିକ ଆହତ ହୋଇଛନ୍ତି।


# ହର୍ମୁଜରେ ଆକ୍ରମଣ ହେଲେ ଇରାନର ସେତୁ ଓ ପାୱାର ପ୍ଲାଣ୍ଟ ଉଡ଼ାଇଦେବୁ: ଟ୍ରମ୍ପ



ୱାସିଂଟନ: ଇରାନ ଉପରେ ଆମେରିକାର କ୍ରମାଗତ ଏକାଦଶ ରାତିର ବିମାନ ଆକ୍ରମଣ ଜାରି ରହିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି। ହର୍ମୁଜ ପ୍ରଣାଳୀରେ କୌଣସି ବାଣିଜ୍ୟିକ ଜାହାଜ ଉପରେ କ୍ଷେପଣାସ୍ତ୍ର, ରକେଟ୍, ଡ୍ରୋନ୍ କିମ୍ବା ଅନ୍ୟ କୌଣସି ଅସ୍ତ୍ରରେ ଆକ୍ରମଣ ହେଲେ ଆମେରିକା ଇରାନର ସେତୁ, ପାୱାର ପ୍ଲାଣ୍ଟ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ବୋମାମାଡ଼ କରି ଧ୍ୱଂସ କରିଦେବ ବୋଲି ସେ କହିଛନ୍ତି। ଏପରିକି ରାଜଧାନୀ ତେହେରାନର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ଛଡ଼ାଯିବ ନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପ ସୋସିଆଲ ମିଡିଆ 'ଟ୍ରୁଥ୍ ସୋସିଆଲ୍'ରେ ଏହି ଚେତାବନୀ ଦେଇଥିବାବେଳେ ହ୍ୱାଇଟ୍ ହାଉସ୍‌ର ଓଭାଲ୍ ଅଫିସ୍‌ରେ ସାମ୍ବାଦିକମାନଙ୍କ





ସହ ଆଲୋଚନା ବେଳେ ନତାଞ୍ଜ ନିକଟସ୍ଥ 'ପିକାକ୍ସ ମାଉଣ୍ଟେନ୍' ଅଞ୍ଚଳରେ ନିର୍ମାଣାଧୀନ ଭୂଗର୍ଭ ପରମାଣୁ କେନ୍ଦ୍ର ଉପରେ ମଧ୍ୟ ଖୁବ୍‌ଶୀଘ୍ର ଭୟଙ୍କର ଆକ୍ରମଣ କରାଯିବ ବୋଲି ଧମକ ଦେଇଛନ୍ତି। ଇରାନ ସେଠାକୁ ୟୁରାନିୟମ୍ ବିଶୋଧନରେ ବ୍ୟବହୃତ ସେଣ୍ଟ୍ରିଫ୍ୟୁଜ୍ ସ୍ଥାନାନ୍ତର କରିଥିବା ସନ୍ଦେହ ସମ୍ପର୍କରେ ପଚରାଯିବାରୁ ଟ୍ରମ୍ପ କହିଥିଲେ, ୟୁରାନିୟମ୍ ନ ଥିଲେ କେବଳ ସେଣ୍ଟ୍ରିଫ୍ୟୁଜ୍‌ର କୌଣସି ଗୁରୁତ୍ୱ ନାହିଁ ଏବଂ ୟୁରାନିୟମ୍ କେଉଁଠି ଅଛି, ତାହା ଉପରେ ଆମେରିକା ନଜର ରଖିଛି। ଏପଟେ ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) ପକ୍ଷରୁ କୁହାଯାଇଛି ଯେ, ଏକାଦଶ ରାତିର ଆକ୍ରମଣରେ ଇରାନର ସାମରିକ ପରିଚାଳନା କେନ୍ଦ୍ର, ନୌସେନା ସାମର୍ଥ୍ୟ, ଯୁଦ୍ଧବିମାନ ହ୍ୟାଙ୍ଗର୍, ଡ୍ରୋନ୍ ଭଣ୍ଡାର ଏବଂ ସାମରିକ ପରିବହନ ଭିତ୍ତିଭୂମିକୁ ନିଶାଣ କରାଯାଇଥିଲା। ଇରାନ ସମୟ ଭୋର ପ୍ରାୟ ୩ଟା ୪୫ ମିନିଟ୍‌ରେ ଏହି ଅଭିଯାନ ଶେଷ ହୋଇଥିଲା। ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜ ପ୍ରତି ବିପଦ ସୃଷ୍ଟି କରିବାରେ ଇରାନର କ୍ଷମତାକୁ ଦୁର୍ବଳ କରିବା ହିଁ ଏହି ଆକ୍ରମଣର ଉଦ୍ଦେଶ୍ୟ ବୋଲି ସେଣ୍ଟକମ୍ କହିଛି। ତେହେରାନ, ତାବ୍ରିଜ ଓ ଦକ୍ଷିଣ ଇରାନର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିବା ଖବର ମିଳିଛି। ଆମେରିକାର ଅଭିଯୋଗ ଅନୁସାରେ, ଇରାନ ଗତ ତିନି ମାସ ମଧ୍ୟରେ ୩୦ରୁ ଅଧିକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରିଛି।

# ଆଜିଠୁ ଜିମ୍ବାୱେ ବିପକ୍ଷରେ ଲଢିବ ଭାରତ, ବୈଭବ-ରିଙ୍କୁଙ୍କ ଉପରେ ନଜର

ନୂଆଦିଲ୍ଲୀ, ୨୨।୦୭: ଆସନ୍ତାକାଲିଠାରୁ ଆରମ୍ଭ ହେବ ଜିମ୍ବାୱେ-ଭାରତ ଟିଟ୍ୱେଣ୍ଟି ସିରିଜ । ଇତି ମଧ୍ୟରେ ଭାରତୀୟ ଦଳ ଜିମ୍ବାୱେରେ ପହଞ୍ଚି ପ୍ରସ୍ତୁତି ଜାରି ରଖିଛି । ଗତ ମାସକ ମଧ୍ୟରେ ୨ଟି ଟି-ଟ୍ୱେଣ୍ଟି ସିରିଜ ପରାଜିତ ହୋଇଥିବା ଭାରତୀୟ ଦଳ ଯଥା ସମ୍ଭବ ଲୟକୁ ଫେରି ବିଜୟ ଖାତା ଖୋଲିବାକୁ ପ୍ରୟାସ କରିବ । ଏହି ସିରିଜରେ ଗୌତମ ଗମ୍ଭୀରଙ୍କ ପରିବର୍ତ୍ତେ ଭିଭିଏସ ଲକ୍ଷ୍ମଣ କୋଚ ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ଏକ ସନ୍ତୁଳିତ ଏକାଦଶ ପ୍ରସ୍ତୁତ ହେବ ବୋଲି ଆଶା କରାଯାଉଛି । ଶ୍ରେୟାସ ଆୟରଙ୍କ ନେତୃତ୍ୱ ଅପେକ୍ଷା ଏହି ସିରିଜରେ ଯୁବ ବ୍ୟାଟିଂ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀ, ପ୍ରତ୍ୟାବର୍ତ୍ତନ କରୁଥିବା ରିଙ୍କୁ ସିଂହ ଓ ଯୁବ ପେସ୍ ବାହିନୀ ଉପରେ ସମଗ୍ର କ୍ରିକେଟ୍ ପ୍ରେମୀଙ୍କ ନଜର ରହିବ ।

ବୈଭବ ଓ ବାଉନ୍ସର ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ ପାଇଁ ଦଳରେ ସ୍ଥାନ ପାଇବା ଦିନଠୁ ବୈଭବଙ୍କୁ ନେଇ ଜୋରଦାର ଚର୍ଚ୍ଚା ଚାଲିଥିଲା । ଆୟର୍ଲାଣ୍ଡରେ ସେ ଖେଳିବାକୁ ସୁଯୋଗ ପାଇ ନଥିଲେ । ହେଲେ ଇଂଲଣ୍ଡରେ ତାଙ୍କୁ ୩ଟି ମ୍ୟାଚରେ ଖେଳିବାକୁ ସୁଯୋଗ ମିଳିଥିଲା । ଦକ୍ଷତା ମୁତାବକ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ ବୈଭବ । ୩ଟି ମ୍ୟାଚରେ ସେ ଯଥାକ୍ରମେ ୧୪, ୧୩ ଓ ୧୫ ରନ କରିଥିଲେ । ଜୋଫ୍ରା ଆର୍ଚର ତାଙ୍କୁ ବାଉନ୍ସର ଓ ସର୍ଟ ପିଚ୍ ବଲ୍ ପକାଇ ବାରମ୍ବାର ଆଉଟ୍ କରିଥିଲେ । ଅନ୍ତର୍ଜାତୀୟ କ୍ରିକେଟ୍‌ର ଅସଲ ସ୍ୱାଦ ଚାଖିଥିବା ବୈଭବ ଇଂଲଣ୍ଡ ବିପକ୍ଷ ଦୁର୍ବଳତାରୁ ବଡ ଶିକ୍ଷା ପାଇଥିବେ । ସମୟ ସୀମିତ ଥିଲେ ମଧ୍ୟ ସେ ନିଜ ତ୍ରୁଟି ସୁଧାରିଥିବେ ବୋଲି ଆଶା କରାଯାଇପାରେ । ଅପର ପକ୍ଷରେ ଜିମ୍ବାୱେର ପେସ୍ ବୋଲରମାନେ ଆର୍ଚରଙ୍କ ଭଳି ସର୍ଟ ପିଚ ରଣନୀତି ଆପଣେଇ ବୈଭବଙ୍କୁ ବାନ୍ଧି ରଖିବାକୁ ଚେଷ୍ଟା କରିବେ । ଦଳରେ ତୃତୀୟ ଓପନର ନଥିବାରୁ ବୈଭବ ୩ଟି ଯାକ ମ୍ୟାଚ ଖେଳିବା ନିଶ୍ଚିତ । ବାଦ ପଡିବାର ଭୟ ନଥିବାରୁ ତାଙ୍କ ମନୋବଳ ସୁଦୃଢ଼ ହେବା ନିଶ୍ଚିତ ।



ଆୟରଙ୍କ ନେତୃତ୍ୱ ଆୟର୍ଲାଣ୍ଡ (୨-୦) ଓ ଇଂଲଣ୍ଡ (୪-୦)ରେ ସିରିଜ ପରାଜୟ ଆୟରଙ୍କ ନେତୃତ୍ୱ ଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୨୦୨୫ ଆଇପିଏଲ୍‌ରେ ଆୟର ପଞ୍ଜାବ କିଙ୍ଗ୍‌ସର ନେତୃତ୍ୱ ନେଇ ଦଳକୁ ଫାଇନାଲ୍‌ରେ ପହଞ୍ଚାଇଥିଲେ । ୨୦୨୬ ଆଇପିଏଲ୍ ଆରମ୍ଭରୁ ପଞ୍ଜାବ କିଙ୍ଗ୍‌ସ ଉନ୍ନତ ପ୍ରଦର୍ଶନ କରିଥିଲେ ହେଁ ପରବର୍ତ୍ତୀ ସମୟରେ ଲୟ ହରାଇ ବସିଥିଲା । ମାତ୍ର ଚୟନ କମିଟି ଆୟରଙ୍କ ଦକ୍ଷତା ଉପରେ ଭରସା ରଖିଥିଲା । ସୂର୍ଯ୍ୟକୁମାର ଯାଦବଙ୍କୁ ଟିଟ୍ୱେଣ୍ଟି ଦଳରୁ ବିଦାୟ ଦେବା ପରେ ଚୟନ କମିଟି ଆୟରଙ୍କୁ ଅଧିନାୟକ ନିଯୁକ୍ତ କରିଥିଲା । ଅଧିନାୟକ ଭାବେ ୨ଟି ସିରିଜ ପରାଜୟ ପରେ ଆୟର ନିଜ ନେତୃତ୍ୱ ଦକ୍ଷତାକୁ ନେଇ ଉଠିଥିବା ଆଶଙ୍କା ଉପରେ ପୂର୍ଣ୍ଣଚ୍ଛେଦ ପକାଇବେ । ଜିମ୍ବାୱେ ବିପକ୍ଷ ସିରିଜ ଏଥିପାଇଁ ଉପଯୁକ୍ତ ସାବ୍ୟସ୍ତ ହୋଇପାରେ । କାରଣ ଭାରତ ଏକ ଶକ୍ତିଶାଳୀ ଦଳ ନେଇ ଜିମ୍ବାୱେ ଗସ୍ତ କରିଛି । ଗ୍ରାଉଣ୍ଡ ଭିତରେ ବିଭିନ୍ନ ନିଷ୍ପତ୍ତି ନେବା ଓ ରଣକୌଶଳରେ ପରିବର୍ତ୍ତନ କରିବା ପାଇଁ କୋଚ୍ ଲକ୍ଷ୍ମଣ ମଧ୍ୟ ଆୟରଙ୍କୁ ଭରପୁର ସ୍ୱାଧୀନତା ଦେବେ ବୋଲି ଆଶା କରାଯାଇପାରେ । ବ୍ୟାଟର ଭାବେ ଆୟରଙ୍କ ପ୍ରଦର୍ଶନ ଉନ୍ନତ ରହିବ । ସେ ସମ୍ପ୍ରତି ଉନ୍ନତ ଫର୍ମରେ ରହିଛନ୍ତି । ଇଂଲଣ୍ଡ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜରେ ସେ ୨୧୮ ରନ ସଂଗ୍ରହ କରିଥିଲେ । କିନ୍ତୁ ତାଙ୍କ ନେତୃତ୍ୱ ଉପରେ କ୍ରିକେଟ୍ ସମୀକ୍ଷକଙ୍କ ନଜର ରହିବ ।

ଭରସା ଜିତିବେ ରିଙ୍କୁ ରିଙ୍କୁ ସିଂହଙ୍କ ଦକ୍ଷତା ବିଷୟରେ ପ୍ରତ୍ୟେକ ଭାରତୀୟ କ୍ରିକେଟ୍ ପ୍ରେମୀ ବେଶ୍ ପରିଚିତ । ଭାରତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଚାମ୍ପିଅନ୍ ହେବା ପରେ ରିଙ୍କୁ ହଠାତ ଆଲୋଚନାରୁ ଦୂରେଇ ଯାଇଥିଲେ । ଆଇପିଏଲ ଆରମ୍ଭରୁ ମଧ୍ୟ ତାଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା । ଏହି ସମୟରେ ବାପାଙ୍କ ମୃତ୍ୟୁ ମଧ୍ୟ ତାଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଦେଇଥିଲା । କୋଲକାତା ନାଇଟ ରାଇଡର୍ସ କୋଚ ଅଭିଷେକ ନାୟାର ଆଇପିଏଲ୍ ସମୟରେ ରିଙ୍କୁଙ୍କ ଟେକ୍‌ନିକ୍‌ରେ ଛୋଟ ମୋଟ ପରିବର୍ତ୍ତନ କରିଥିଲେ । ଏହାପରେ ସେ ଫର୍ମକୁ ଫେରିଥିଲେ ଓ କ୍ରମାନ୍ୱୟରେ ୪ଟି ମ୍ୟାଚ ଅପରାଜିତ ରହି ୨୦୭ ରନ ସଂଗ୍ରହ କରିଥିଲେ । ବିଳମ୍ବରେ ହେଉ ପଛେ ଚୟନ କମିଟି ରିଙ୍କୁଙ୍କ ଉପରେ ପୁଣି ଥରେ ଭରସା କରିଛି ଓ ଦଳରେ ସ୍ଥାନ ଦେଇଛି । ଏହି ସୁଯୋଗକୁ ସେ ହାତଛଡା କରିବେ ନାହିଁ ବୋଲି ଆଶା କରାଯାଇପାରେ । ଡେଥ ଓଭରଗୁଡିକରେ ଦର୍ଶକ ପୁଣି ଥରେ ରିଙ୍କୁଙ୍କ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ସୁଯୋଗ ପାଇବେ ।

ଯୁବ ପେସ୍ ବାହିନୀ ଜିମ୍ବାୱେ ଗସ୍ତ ପାଇଁ ସ୍ଥାନ ପାଇଥିବା ଦଳରେ ୪ ଜଣ ପେସ୍ ବୋଲର ରହିଛନ୍ତି । ପ୍ରିନ୍ସ ଯାଦବଙ୍କ ସମେତ ମୟଙ୍କ ଯାଦବ, ଯଶ ଠାକୁର ଓ ଅଶୋକ ଶର୍ମାଙ୍କୁ ଦଳରେ ସ୍ଥାନ ମିଳିଛି । ଇଂଲଣ୍ଡ ଗସ୍ତରେ ପ୍ରିନ୍ସ ଉନ୍ନତ ପ୍ରଦର୍ଶନ କରିଥିଲେ । ମୟଙ୍କ ଶେଷ ଥର ପାଇଁ ୨୦୨୪ ସେପ୍‌ଟେମ୍ବରରେ ଭାରତ ପକ୍ଷରୁ ଖେଳିଥିଲେ । ଏହାପରେ ସେ ବାରମ୍ବାର ଆହତ ହୋଇ ଦଳକୁ ଫେରି ପାରି ନଥିଲେ । ଗତ ଆଇପିଏଲ୍ ମଧ୍ୟ ସେ ସୀମିତ ସୁଯୋଗ ପାଇଥିଲେ । ଚୟନ କମିଟି ପୁଣି ଥରେ ତାଙ୍କ ମନୋବଳ ଫେରାଇ ଆଣିବା ପାଇଁ ଏକ ସୁଯୋଗ ଦେଇଛନ୍ତି । ଯଶ ଓ ଅଶୋକ ଶର୍ମା ସମ୍ପୂର୍ଣ୍ଣ ନୂଆ । ଅଶୋକ ଗତ ବିଜୟ ହଜାରେ ଟ୍ରଫିରେ ୧୯ଟି ୱିକେଟ୍ ନେଇ ବିଦର୍ଭକୁ ଚାମ୍ପିଅନ୍ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଅଶୋକ ଶର୍ମା ଗତ ଆଇପିଏଲ୍‌ରେ ନିୟମିତ ଭାବେ ଘଣ୍ଟା ପ୍ରତି ୧୫୦ କିଲୋମିଟର ବେଗରେ ବଲ୍ ପକାଇ ଚର୍ଚ୍ଚାରେ ରହିଥିଲେ ।

# ଭାରତକୁ ଧନ୍ୟବାଦ ଦେଲେ ଆର୍ଜେଣ୍ଟିନା ରାଜଦୂତ

ନୂଆଦିଲ୍ଲୀ, ୨୨।୭: ଫୁଟବଲ୍ ଦୁନିଆର ସବୁଠାରୁ ବଡ଼ ମହାକୁମ୍ଭ 'ଫିଫା ବିଶ୍ୱକପ୍ ୨୦୨୬'ର ରୋମାଞ୍ଚକର ସମାପ୍ତି ଘଟିଛି । ଫାଇନାଲ୍ ମ୍ୟାଚ୍‌ରେ ଆର୍ଜେଣ୍ଟିନା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ ମୂହୁର୍ତ୍ତରେ ପରାଜୟର ସମ୍ମୁଖୀନ ହୋଇଛି । ଏହି ପରାଜୟରେ ଆର୍ଜେଣ୍ଟିନାର କୋଟି କୋଟି ପ୍ରଶଂସକ ମର୍ମାହତ ହୋଇଥିବା ବେଳେ, ଭାରତରେ ଥିବା ଆର୍ଜେଣ୍ଟିନାର ରାଜଦୂତଙ୍କ ଏକ ବାର୍ତ୍ତା ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି । ଫାଇନାଲରେ ହାରିବା ସତ୍ତ୍ୱେ ଆର୍ଜେଣ୍ଟିନା ରାଜଦୂତ ଭାରତୀୟ ପ୍ରଶଂସକମାନଙ୍କୁ ସମ୍ବୋଧିତ କରି କହିଛନ୍ତି "Thank You, India" ।

ଭାରତ ଫିଫା ବିଶ୍ୱକପ୍ ଖେଳୁ ନଥିଲେ ମଧ୍ୟ, ଏହି ଦେଶରେ ଫୁଟବଲ୍ ପ୍ରତି ଥିବା ପାଗଳାମି କୌଣସି ଗୁଣରେ କମ୍ ନୁହେଁ । ବିଶ୍ୱକପ୍ ସମୟରେ ଭାରତର ଗଳି କନ୍ଦିରେ ଆର୍ଜେଣ୍ଟିନାର ନୀଳ-ଧଳା ପତାକା ଏବଂ ମେସିଙ୍କ ବଡ଼ ବଡ଼ କଟ୍‌ଆଉଟ୍ ଦେଖିବାକୁ ମିଳିଥିଲା । ଭାରତୀୟଙ୍କ ଏହି ଅଦ୍ଭୁତ ଉତ୍ସାହ ଏବଂ ସମର୍ଥନ ଦେଖି ଆର୍ଜେଣ୍ଟିନା ରାଜଦୂତ ଅଭିଭୂତ ହୋଇପଡ଼ିଛନ୍ତି । ଖାଲି ସେତିକି ନୁହେଁ ବିଶ୍ୱକପ୍ ଖେଳ ସମୟରେ ଭାରତ ଯେପରି ଭାବେ ଆର୍ଜେଣ୍ଟିନାକୁ ଲଗାତାର ସମର୍ଥନ ଦେଉଥିଲା ତାହା ମାତେ ଅଭିଭୂତ କରିଛି ବାଲି କହିଛନ୍ତି





ଆର୍ଜେଣ୍ଟିନା ରାଜଦୂତ ।

ଆର୍ଜେଣ୍ଟିନା ରାଜଦୂତ ନିଜ ବାର୍ତ୍ତାରେ କହିଛନ୍ତି ଯେ, 'ଆମେ ଫାଇନାଲରେ ହାରିଥାଇ ପାରୁ, କିନ୍ତୁ ଭାରତୀୟଙ୍କ ହୃଦୟ ଜିତିବାରେ ଆମେ ସଫଳ ହୋଇଛୁ । ବିଶ୍ୱକପ୍ ସାରା ଭାରତର କୋଣ ଅନୁକୋଣରୁ ଆର୍ଜେଣ୍ଟିନା ଦଳ ପାଇଁ ଯେଉଁ ସମର୍ଥନ ଏବଂ ପ୍ରାର୍ଥନା ମିଳିଲା, ତାହା ଅବିଶ୍ୱସନୀୟ । ଆମ ଦଳ ଯେତେବେଳେ ପଡ଼ିଆରେ ଖେଳୁଥିଲା, ସେତେବେଳେ ସେମାନେ ଜାଣିଥିଲେ ଯେ ହଜାର ହଜାର ମାଇଲ୍ ଦୂରରେ ଥିବା ଏକ ଦେଶ ସେମାନଙ୍କ ପାଇଁ ଚିୟର କରୁଛି । ଏହି ଭଲପାଇବା ପାଇଁ ମୁଁ ସମଗ୍ର ଭାରତବାସୀଙ୍କୁ କୃତଜ୍ଞତା ଜଣାଉଛି ।'

ଆର୍ଜେଣ୍ଟିନା ରାଜଦୂତଙ୍କ ଏହି ବାର୍ତ୍ତା କେବଳ ଖେଳ ସମ୍ପର୍କିତ ନୁହେଁ, ବରଂ ଏହା ଦୁଇ ଦେଶ ମଧ୍ୟରେ ଥିବା ସାଂସ୍କୃତିକ ଓ କୂଟନୈତିକ ସମ୍ପର୍କକୁ ଆହୁରି ମଜବୁତ କରିଛି । ସେ କହିଛନ୍ତି ଯେ, ଖେଳ ସୀମା ବାଧା ମାନେ ନାହିଁ । ଭାରତୀୟମାନେ ପ୍ରମାଣ କରିଛନ୍ତି ଯେ ସେମାନେ କେବଳ କ୍ରିକେଟ୍ ପ୍ରେମୀ ନୁହନ୍ତି, ବରଂ ଫୁଟବଲ୍‌କୁ ମଧ୍ୟ ସେତିକି ଗୁରୁତ୍ୱ ଦିଅନ୍ତି । ତେବେ ଏହି କିଛି ବର୍ଷ ମଧ୍ୟରେ ଭାରତରେ ଆର୍ଜେଣ୍ଟିନା ର ପ୍ରଶଂସକଙ୍କ ସଂଖ୍ୟା ବଢିବାରେ ଲାଗିଛି । ରାଜଦୂତଙ୍କ ଏହି 'ଧନ୍ୟବାଦ' ବାର୍ତ୍ତା ପରେ ସୋସିଆଲ ମିଡିଆରେ ଭାରତୀୟ ପ୍ରଶଂସକଙ୍କ ପ୍ରତିକ୍ରିୟାର ସୁଅ ଛୁଟିଛି । ଜଣେ ୟୁଜର୍ ଲେଖିଛନ୍ତି, 'ଆମେ ଆର୍ଜେଣ୍ଟିନାକୁ ଭଲ ପାଉ, କାରଣ ସେମାନେ ଖୁବ୍ ଭଲ ଫୁଟବଲ୍ ଖେଳନ୍ତି । ହାରିବା ବା ଜିତିବା ବଡ଼ କଥା ନୁହେଁ, ଖେଳର ଭାବନା ହିଁ ସବୁଠୁ ବଡ଼ ।' ଅନ୍ୟ ଜଣେ ଲେଖିଛନ୍ତି, 'ମେସି ଏବଂ ଆର୍ଜେଣ୍ଟିନା ସବୁବେଳେ ଆମ ହୃଦୟରେ ରହିବେ ।' ଫିଫା ବିଶ୍ୱକପ୍ ୨୦୨୬ର ଟ୍ରଫି ହୁଏତ ଆର୍ଜେଣ୍ଟିନା ହାତକୁ ଯାଇନାହିଁ, କିନ୍ତୁ ଭାରତୀୟ ପ୍ରଶଂସକଙ୍କ ସହିତ ସେମାନଙ୍କର ସମ୍ପର୍କ ଏକ ନୂଆ ଶିଖରରେ ପହଞ୍ଚିଛି । ଆର୍ଜେଣ୍ଟିନା ରାଜଦୂତଙ୍କ ଏହି ସୌଜନ୍ୟମୂଳକ ବାର୍ତ୍ତା ପ୍ରମାଣ କରୁଛି ଯେ ଖେଳ ଦୁଇଟି ଭିନ୍ନ ମହାଦେଶ ଓ ସଂସ୍କୃତିକୁ ଏକାଠି ବାନ୍ଧି ରଖିବାର କ୍ଷମତା ରଖେ । ଭାରତ ପାଇଁ ଏହା ଏକ ଗର୍ବର ବିଷୟ ଯେ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲ୍ ଖେଳୁଥିବା ଦେଶ ଭାରତୀୟଙ୍କ ଭଲପାଇବାକୁ ସମ୍ମାନ ଜଣାଉଛି । ୨୦୨୬ ବିଶ୍ୱକପ୍ ହୁଏତ ଶେଷ ହୋଇଛି, କିନ୍ତୁ ଭାରତ ଓ ଆର୍ଜେଣ୍ଟିନାର ଏହି 'ଫୁଟବଲ୍ ବନ୍ଧୁତା' ଚିରସ୍ଥାୟୀ ହୋଇ ରହିବ ।

## ଆଜି ୟନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡମିଣ୍ଟନ ଚମ୍ପିୟାନସିପ୍

ବଲାଙ୍ଗିର, ୨୨।୭: ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ବଲାଙ୍ଗିର ଆନୁକୁଲ୍ୟରେ ୟନେକ୍ସ-ସନରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ଚମ୍ପିୟାନସିପ୍ ଆଜି ତୃତୀୟ ଦିନର ଖେଳ ରେ ପ୍ରାୟତ ସମସ୍ତ ବିଭାଗର ଫାଇନାଲ ଲାଇନଅପ ଚୁଡାନ୍ତ ହୋଇଯିବ । ଏ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଥିବା ପ୍ରତିଯୋଗିତାରେ ୧୯ ବର୍ଷରୁ କମ୍ ବାଳକ ଫାଇନାଲରେ ବିଜୟ ଗୁଡିଆ ଙ୍କ ସହ ଶ୍ରୀୟାଂଶ କେଜ୍ରିୱାଲ ଫାଇନାଲ ମୁକାବିଲା ହେବ । ୬୫ ବର୍ଷ ଫାଇନାଲ ରେ ଗୋପାଳ ପଣ୍ଡା ଓ ସନାତନ ହାତୀଙ୍କ ମଧ୍ୟରେ ଅନୁଷ୍ଠିତ ହେବ । ୧୫ ବର୍ଷ ବାଳିକା ଫାଇନାଲରେ ରିଚା ଅଗ୍ରୱାଲ ଆଲିସା ସାହୁଙ୍କୁ ଭେଟିବେ । ବରିଷ୍ଠ ବର୍ଗ ପୁରୁଷ ଡବଲ୍ସ ରେ ପିୟୁଷ ନାଗ ସାଥୀ ବିନୀତ ନାଏକ ଓ ନିଖିଲ ସୁନା ସାଥୀ ହିମାଂଶୁ ହାତୀଙ୍କ ସହ ଅନୁଷ୍ଠିତ ହେବ । ୬୦ବର୍ଷ ଭେଟରାନ ଡବଲ୍ସ ରେ ଡା.ବେଣୁଧର ପାଣ୍ଡେ ସାଥୀ ପ୍ରଦୀପ ସାହୁ ଓ ଗୋପାଳ ପଣ୍ଡା ସାଥୀ ସନାତନ ହାତୀଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ୫୦ ବୟସ ବର୍ଗ ସିଙ୍ଗିଲ୍ସ ଫାଇନାଲରେ ସଂଗ୍ରାମ ବେହେରାଙ୍କ ସହ ଡା. ଦିପକ ବାରିକଙ୍କ ମଧ୍ୟରେ ମୁକାବିଲା ହେବ । ୫୫ ବର୍ଷ ବର୍ଗରେ ଡବଲ୍ସ ଖେଳାଳି ଡା. ବେଣୁଧର ପାଣ୍ଡେ ଓ ଘନଶ୍ୟାମ ମିଶ୍ର ଭେଟରାନ ଖେଳାଳି ସଂଗ୍ରାମ ବେହେରା ଓ ଡା. ଦିପକ ବାରିକଙ୍କୁ ଭେଟିବେ । ୩୫ ବର୍ଷ ବର୍ଗରେ ଅବିର ସାହୁ ଓ ଶିବୁନ ରଥ ଙ୍କ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବର୍ତ୍ତମାନ ଲେବଲ-୩ ୟନେକ୍ସ ସନ୍‌ରାଇଜ ଜିଲ୍ଲା ବ୍ୟାଡ ମିଣ୍ଟନ ପ୍ରତିଯୋଗିତା ନୁଆକରି ବ୍ୟାଡମିଣ୍ଟନ ଖେଳୁଥିବା ସ୍କୁଲ ଖେଳାଳିମାନଙ୍କ ମଧ୍ୟରେ ଅନୁଷ୍ଠିତ ହେଉଛି ଆଜି ତାହାର ଫାଇନାଲ ଖେଳ ମଧ୍ୟ ଅନୁଷ୍ଠିତ ହେବ । ଏହି ଖେଳର ଉଦ୍ଦେଶ୍ୟ ହେଲା କେବେ ବ୍ୟାଡ ମିଣ୍ଟନ ଖେଳି ନ ଥିବା ଖେଳାଳିଙ୍କ ମଧ୍ୟରେ ଏହି ଖେଳ ପ୍ରତି ଉତ୍ସାହ ସୃଷ୍ଟି କରିବ । ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘ ସଂପାଦକ ସୁରୁଲାଲ ମଟାରୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ହୋଉଥିବା ଏହି ପ୍ରତିଯୋଗିତା ପରିଚାଳନା ପାଇଁ ଜାତୀୟ ତଥା ରାଜ୍ୟ ସଂଘ ଦ୍ୱାରା ସ୍ୱିକୃତିପ୍ରାପ୍ତ ରେଫରିମାନେ ନିଯୁକ୍ତ ହୋଇଛନ୍ତି । ଖେଳର ସୁପରିଚାଳନା ପାଇଁ ଅନ୍ୟମାନଙ୍କ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପ-ସଭାପତି ଘନଶ୍ୟାମ ମିଶ୍ର, ଯୁଗ୍ମ ସଂପାଦକ ମାନସ ମହାନ୍ତି, ବରିଷ୍ଠ ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ଅନନ୍ତ ବେହେରା ପ୍ରମୁଖ ବିଭିନ୍ନ ବିଭାଗର ଦାୟିତ୍ୱରେ ଅଛନ୍ତି ।

ମୁଖ୍ୟ ରେଫରି ଭାବେ ଜାତୀୟ ଗ୍ରେଡ-୨ ରେଫରି ହେମନ୍ତ ପ୍ରଧାନ ଏବଂ ଡେପୁଟି ରେଫରି ଭାବେ ଚନ୍ଦ୍ର ଶେଖର ମିଶ୍ର ନିଯୁକ୍ତ ହୋଇଛନ୍ତି । ସଟଲ କଣ୍ଟ୍ରୋଲ ଭାବେ କାସିମ ଇକ୍‌ବାଲ, ପ୍ରକାଶ ସାହୁ, ରେଶନ ଜୈନ, ଆଶିଷ ଦର୍ଜୀ, ଫିଜିଓ ତଥା ଫାଷ୍ଟଏଡ୍ ବିଶେଷଜ୍ଞ ଭାବେ ରାମ ନାରାୟଣ ଦାଶ, ପ୍ରକାଶ ଛନ୍ଦ, ରଶ୍ମିରାଣୀ ଦାଶ ଯୋଗଦାନ କରିଛନ୍ତି । ୨୨ ତାରିଖ ପୂର୍ବାହ୍ନରୁ ସମସ୍ତ ବିଭାଗର ଫାଇନାଲ ପ୍ରତିଯୋଗିତା ଆରମ୍ଭ ହୋଇଯିବ ବୋଲି ଜିଲ୍ଲା ବ୍ୟାଡ ମିଣ୍ଟନ ସଂଘର ସାଧାରଣ ସଂପାଦକ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି ।

## ରାଜ୍ୟସ୍ତରୀୟ କ୍ୟାରମ୍ ଉଦଯାପିତ

ଭୁବନେଶ୍ୱର, ୨୨।୭: ବରମୁଣ୍ଡାସ୍ଥିତ ଚେଷ୍ଟା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ କ୍ୟାରମ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଦାନଗହିରର ଟୁକ ଓ ମୋଜାହିଦ୍ ବିଜେତା ହୋଇଥିବାବେଳେ ମଣ୍ଟୁ ଓ ରିଙ୍କୁ ଉପବିଜେତା ହୋଇଛନ୍ତି । ଉଭୟ ଯୋଡି ଯଥାକ୍ରମେ ୧୭ ହଜାର ଓ ୧୩ ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହ



ଆକର୍ଷଣୀୟ ଟ୍ରଫି ଜିତିଛନ୍ତି । ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା, ଭୁବନେଶ୍ୱର, ପୁରୀ, ଭବାନୀପାଟଣା, କେନ୍ଦୁଝର, କଟକ, ସାଲେପୁର, ଅନୁଗୁଳରୁ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ । ଏକାମ୍ର ବିଧାୟକ ବାବୁ ସିଂହ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସୂଚନାଯୋଗ୍ୟଯେ, ଏହି ପ୍ରତିଯୋଗିତା ଚଳିତ ଜୁଲାଇ ୧୮ ଓ ୧୯ ଦୁଇଦିନ ଧରି ଖେଳାଯାଇଥିଲା । ଆଗାମୀ ସମୟରେ ଏହାକୁ ଅଧିକ ବ୍ୟାପକ ଓ ବିସ୍ତୃତ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି ।

### ରାଜ୍ୟ ୧୩ବର୍ଷରୁ କମ୍ ଚେସ୍

# ମନୀଷ ଓ ନୈନିକା ବିଜେତା, ସତ୍ୟ, ରଞ୍ଜନ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୨।୭: ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍‌ର ତତ୍ତ୍ୱାବଧାନରେ ଯାଜପୁର ୟୁନାଇଟେଡ୍ ଚେସ୍ ଆସୋସିଏସନ୍ (ଜୁକା) ଦ୍ୱାରା ଆୟୋଜିତ ଓଡ଼ିଶା ରାଜ୍ୟ ୧୩ ବର୍ଷରୁ କମ୍ ଓପନ୍ ଏବଂ ବାଳିକା ଫିଡେ ରେଟେଡ୍ ଚେସ୍ ଚାମ୍ପିଅନସିପ୍ ଯାଜପୁରର ଜରକାସ୍ଥିତ ଧର୍ମଶାଳା ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ଜୁକା ସଭାପତି ତପନ ସାରଙ୍ଗୀ ଏବଂ ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ ଚେସ୍ ପ୍ରଶିକ୍ଷକ ସତ୍ୟ ରଞ୍ଜନ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା । ସେହିଭଳି ରଞ୍ଜନ ମହାନ୍ତି (ଆଇଆରଏସ, ଆୟକର ସହାୟକ କମିଶନର ଏବଂ ଏଆଇସିଏଫ୍ ଇଭେଣ୍ଟସ୍ କମିସନର)ଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା ।

ପ୍ରତିଯୋଗିତାର ଓପନ୍ ବିଭାଗରେ ମନୀଷ ମିଶ୍ର (ଖୋର୍ଦ୍ଧା) ବିଜେତା ହୋଇଥିଲା ବେଳେ ସାୟାଂଶ ଦାସ ଉପବିଜେତା ଏବଂ ସନାଲ ବୈଭବ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବାଳିକା ବର୍ଗରେ



ନୈନିକା ସାହୁ (ଖୋର୍ଦ୍ଧା) ବିଜୟିନୀ ହୋଇଥିଲେ । ସେହିଭଳି ଆର୍ନିକା ଦାସ ଉପବିଜୟିନୀ ଏବଂ ସାରଦା ଭାଗ୍ୟ କାମିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଭିନ୍ନ ବୟସ ବର୍ଗର ଯୁବ ଚାମ୍ପିଅନମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଟ୍ରଫି ସହିତ ସମ୍ମାନିତ କରାଯାଇଥିଲା । ଜୁକାର ଯୁଗ୍ମ ସଚିବ ରଶ୍ମି ରଞ୍ଜନ ସାହାଣୀଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ ସମାରୋହ ଶେଷ ହୋଇଥିଲା ।

## ସେପ୍ଟେମ୍ବରରେ ଅବସର ନେବେ ରୋନାଲ୍‌ଡୋ

ଲିସ୍‌ବନ୍, ୨୨।୭: ପର୍ତ୍ତୁଗାଲ ଫୁଟ୍‌ବଲ୍ କିଂବଦନ୍ତି କ୍ରିଷ୍ଟିଆନୋ ରୋନାଲ୍‌ଡୋ ଚଳିତ ବର୍ଷ ସେପ୍‌ଟେମ୍ବରରେ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ଅବସର ନେଇପାରନ୍ତି । ଏହି ୪୧ ବର୍ଷୀୟ ତାରକା ଖେଳାଳି ନିଜ ୨୩ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟର ପର୍ତ୍ତୁଗାଲ୍‌ର ୱେଲ୍ସ ବିପକ୍ଷ ୟୁଫା ନେସନ୍ସ ଲିଗ୍ ମ୍ୟାଚ୍‌ରେ ଶେଷ କରି ପାରନ୍ତି । ଏହି ମ୍ୟାଚ୍ ସେପ୍‌ଟେମ୍ବର ୨୪ ରେ ଲିସ୍‌ବନ୍‌ସ୍ଥିତ ଜୋସ୍ ଅଲ୍‌ଭାଲାଡେ ଷ୍ଟାଡିୟମ୍‌ରେ ଖେଳାଯିବ ।



ଏହି ଷ୍ଟାଡିୟମ୍‌ରେ ରୋନାଲ୍‌ଡୋ ୨୦୦୩ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ । ରୋନାଲ୍‌ଡୋଙ୍କ ନାମରେ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ୍ ରେକର୍ଡ ରହିଛି । ସେ ତାଙ୍କ ୨୩ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟର୍‌ରେ ୨୩୩ ମ୍ୟାଚ୍ ଖେଳି ୧୪୬ ଗୋଲ୍ ଦେଇଥିଲା ବେଳେ ୪୬ଟିରେ ସହଯୋଗ କରିଛନ୍ତି । ତାଙ୍କ ନାଁରେ ମଧ୍ୟ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବାର ରେକର୍ଡ ରହିଛି । ତାଙ୍କ ନେତୃତ୍ୱରେ ପର୍ତ୍ତୁଗାଲ୍ ୩ ଟ୍ରଫି, ୟୁଫା ୟୁରୋ ୨୦୧୬ ସହ ୨୦୧୯ ଓ ୨୦୨୫ରେ ୟୁଫା ନେସନ୍ସ ଲିଗ୍ ଜିତିଛି ।

# ଆଜିଠୁ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡା, ଭାଗ ନେବେ ୧୨୬ ଜଣିଆ ଭାରତୀୟ ଦଳ

ନୂଆଦିଲ୍ଲୀ, ୨୨/୦୭: ଆଉ ମାତ୍ର ଗୋଟିଏ ଦିନ । ସ୍କଟଲାଣ୍ଡର ଗ୍ଲୋସଗୋରେ ଆରମ୍ଭ ହେବ ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡା । ଦ ହାଇଡ୍‌ରୋଇନଡୋର ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ କ୍ରୀଡାର ଶୁଭ ଉଦଘାଟନ ହେବ । ୭୪ଟି ରାଜ୍ୟଗୋଷ୍ଠୀ ଦେଶରୁ ୩୦୦୦ କ୍ରୀଡାବିତ ଏହି କ୍ରୀଡା ମହାକୁମ୍ଭରେ ଅଂଶ ଗ୍ରହଣ କରିବେ । ପ୍ରସ୍ତୁତି ଶେଷ ହୋଇଛି । କ୍ରୀଡାବିତମାନେ ମଧ୍ୟ ପହଞ୍ଚି ସେମାନଙ୍କର ଅଭ୍ୟାସ ଜାରି ରଖିଛନ୍ତି । ୨୩ ତାରିଖରୁ ହିଁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହେବ । ଦ୍ୱିତୀୟ ଦିବସରୁ ପଦକ ଇଭେଣ୍ଟ ଆରମ୍ଭ ହେବ ।

୧୦ କ୍ରୀଡା, ୨୧୫ ଇଭେଣ୍ଟ - ଏହି ସଂସ୍କରଣରେ ମାତ୍ର ୧୦ଟି କ୍ରୀଡାରେ ୨୧୫ଟି ଇଭେଣ୍ଟ ଆୟୋଜିତ ହେବ । କିନ୍ତୁ ପୂର୍ବ ସଂସ୍କରଣରେ ୨୦ଟି କ୍ରୀଡାରେ ୨୮୩ଟି ଇଭେଣ୍ଟ ରହିଥିଲା । କ୍ରୀଡା ଗୁଡିକ ହେଲାବାସ୍କେଟବଲ, ଜିମ୍ନାଷ୍ଟିକ, ଆଥଲେଟିକ୍ସ, ଲନ ବଲ, ବକ୍ସିଂ, ସାଇକ୍ଲିଂ, ଜୁଡୋ, ନେଟବଲ, ସନ୍ତରଣ ଓ ଭାରୋତ୍ତୋଳନ । ଓହରିଗଲା ଅଷ୍ଟ୍ରେଲିଆ ୨୦୨୨ ଏପ୍ରିଲ ମାସରେ ଭିକ୍ଟୋରିଆକୁ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ ସଂସ୍କରଣର ଆୟୋଜକ ଘୋଷଣା କରାଯାଇଥିଲା । କିନ୍ତୁ ୨୦୨୩ ଜୁଲାଇ ୧୮ ତାରିଖରେ ଭିକ୍ଟୋରିଆ ଆର୍ଥିକ ସମସ୍ୟା ଦେଖାଇ କ୍ରୀଡା ଆୟୋଜନରୁ ଓହରି ଯାଇଥିଲା । ଭିକ୍ଟୋରିଆ ଓହରି ଯିବା ପରେ ଗୋଲ୍ଡକୋଷ୍ଟ ଆୟୋଜନ ନେଇ ଆଗ୍ରହ ଦେଖାଇଥିଲା । ପରେ ସମାନ କାରଣ ଦେଖାଇ ଓହରି ଯାଇଥିଲା । ୨୦୨୬ରେ କ୍ରୀଡା ଆୟୋଜନ ନେଇ ଆଶଙ୍କା ଦେଖା ଦେଇଥିଲା । ତେଣୁ ୨୦୨୭ରେ ଏହି ସଂସ୍କରଣ ଖେଳାଯିବା ନେଇ ଯୋଜନା ହେଉଥିଲା । ମାତ୍ର ଏତିକିବେଳେ ସ୍କଟଲାଣ୍ଡ ୧୦ରୁ ୧୩ଟି କ୍ରୀଡାକୁ ନେଇ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ନେଇ ପ୍ରସ୍ତାବ ଦେଇଥିଲା । ୨୦୨୪ ସେପ୍‌ଟେମ୍ବର ୧୭ ତାରିଖରେ ସ୍କଟଲାଣ୍ଡକୁ ଆୟୋଜକ ଘୋଷଣା କରାଯାଇଥିଲା ।

ନିର୍ମାଣ ହୋଇନି 'କ୍ରୀଡା ଗ୍ରାମ' ୧୯୩୦ ମସିହାରୁ କ୍ରୀଡା ଆୟୋଜିତ ହୋଇ ଆସୁଛି । କିନ୍ତୁ ଆଧୁନିକ ରାଜ୍ୟଗୋଷ୍ଠୀ କ୍ରୀଡା ଇତିହାସରେ ସ୍କଟଲାଣ୍ଡରେ ସବୁଠୁ ଛୋଟ କ୍ରୀଡା ଆୟୋଜିତ ହେଉଛି । ୧୦ଟି କ୍ରୀଡାକୁ ୭ଟି ଭେନ୍ୟୁରେ ଆୟୋଜନ



କରାଯିବ । କ୍ରୀଡାବିତମାନଙ୍କ ପାଇଁ ଏଥର ସ୍ୱତନ୍ତ୍ର ଭାବେ କ୍ରୀଡା ଗ୍ରାମର ନିର୍ମାଣ କରାଯାଇ ନାହିଁ । ବିଭିନ୍ନ ସ୍ଥାନରେ କ୍ରୀଡାବିତମାନଙ୍କର ରହିବାର ସୁବିଧା ହୋଇଛି । ଏହାକୁ ମିଶାଇ ଚତୁର୍ଥ ଥର ସ୍କଟଲାଣ୍ଡ କ୍ରୀଡା ଆୟୋଜନ କରୁଛି । ପୂର୍ବରୁ ୧୯୭୦, ୧୯୮୬ ଓ ୨୦୧୪ରେ ସଫଳତାର ସହ ଆୟୋଜନ କରିଥିଲା । ପ୍ରଥମ ଥର ଇନଡୋରରେ ଉଦ୍‌ଘାଟନୀ- ରାଜ୍ୟଗୋଷ୍ଠୀ କ୍ରୀଡାର ୯୬ ବର୍ଷର ଇତିହାସରେ ପ୍ରଥମ ଥର ଉଦ୍ଘାଟନୀ ଉତ୍ସବ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ହେବାକୁ ଯାଉଛି । ଏହାର ଉଦ୍ଘାଟନୀ ପୂର୍ବ ସଂସ୍କରଣ ଗୁଡିକ ସହ ତୁଳନୀୟ ହେବ ନାହିଁ । ଦ ହାଇଡ୍‌ରୋ ଷ୍ଟାଡିୟମରେ କ୍ରୀଡାର ଶୁଭାରମ୍ଭ ହେବ । ଏହା ଏକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ । ସ୍କଟଲାଣ୍ଡ ଗାୟିକା କେଟି ଟୁନଷ୍ଟଲ ଉଦଘାଟନୀରେ ମୁଖ୍ୟ ଆକର୍ଷଣ ସାଜିବେ । ବ୍ରିଟିଶ ରାଜ ପରିବାର ସଦସ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ପାରା କ୍ରୀଡାରେ ୬ କ୍ରୀଡା ରାଜ୍ୟଗୋଷ୍ଠୀ କ୍ରୀଡା ଇତିହାସରେ ଏଥର ସର୍ବାଧିକ ୬ଟି କ୍ରୀଡାରେ ୪୭ଟି ଫାଇନାଲ ଖେଳାଯିବ । କ୍ରୀଡା ଗୁଡିକ ହେଲାହ୍ୱି ଲ ଚ ୟ । ର ବାସ୍କେଟବଲ, ପାରା ଆଥଲେଟିକ୍ସ, ପାରା ଲନ ବଲ, ପାରା ଟ୍ରାକ୍ ସାଇକ୍ଲିଂ, ପାରା ସନ୍ତରଣ ଓ ପାରା ଶକ୍ତିଉତ୍ତୋଳନ । ପୂର୍ବ ସଂସ୍କରଣରୁ ବ୍ୟାଡମିଣ୍ଟନ, ବିଚ ଭଲିବଲ, ଟି-ଟ୍ୱେଣ୍ଟି କ୍ରିକେଟ, ଡାଇଭିଂ, ହକି, ମାଉଟେନ ବାଇକିଂ, ରିଦମିକ ଜିମ୍ନାଷ୍ଟିକ, ରୋଡ ସାଇକ୍ଲିଂ, ରଗବୀ ସେଭେନ, ସ୍କ୍ୱାଶ, ଟେବୁଲ ଟେନିସ ଓ କୁସ୍ତି ଏବଂ ପାରା କ୍ରୀଡାରେ ଟେବୁଲ ଟେନିସ ଓ ଟ୍ରାଏଥଲନକୁ ଏଥର ବାଦ ଦିଆଯାଇଛି । ତ୍ରିରଙ୍ଗା ଧରିବେ ମୀରାବାଈ, ଲଭଲିନା ୧୨୬ ଜଣିଆ ଭାରତୀୟ ଦଳ ଏଥର କ୍ରୀଡାରେ ଭାଗ ନେଉଛି । ଉଦ୍ଘାଟନୀ ଉତ୍ସବରେ ମହିଳା ଭାରୋତ୍ତୋଳକ ମୀରାବାଈ ଚାନୁ ଓ ବକ୍ସର ଲଭ୍ଲିନା ବୋର୍ଗୋହେଁ ତ୍ରିରଙ୍ଗା ଧାରଣ କରି ଦଳର ନେତୃତ୍ୱ ନେବେ । ରୋହିତ ରାଜପଲ ଦଳର ଚିଫ୍ ଡି ମିଶନ ଏବଂ ରବି ବେଙ୍ଗାନୀ ଡେପୁଟି ଚିଫ୍ ଡି ମିଶନ ନିଯୁକ୍ତ ହୋଇଛନ୍ତି । ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମୀରାବାଈ ରୌପ୍ୟ ଜିତିଥିବାବେଳେ ଲଭଲିନା ବ୍‌ରୋଞ୍ଜ ହାସଲ କରିଥିଲେ । ଗତ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡାରେ ମୀରାବାଈ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିଲେ । ଆଗାମୀ କ୍ରୀଡାରେ ଉଭୟ ପ୍ରମୁଖ ପଦକ ଦାବିଦାର ରହିଛନ୍ତି । ଭାରତୀୟ ଦଳ ମୋଟ ୧୦ଟି କ୍ରୀଡାରେ ଭାଗ ନେବ । ୨୦୨୨ ସଂସ୍କରଣରେ ଭାରତ ମୋଟ ୬୧ଟି ପଦକ ସହ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା । ଯେଉଁଥିରେ ୨୨ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୨୩ଟି ବ୍‌ରୋଞ୍ଜ ପଦକ ସାମିଲ ରହିଥିଲା ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ